# କଟକ ସିଟି



## ଟ୍ରାଫିକ୍ ପୁଲିସ ବିରୋଧରେ ଦୁର୍ବ୍ୟବହାର ଅଭିଯୋଗ

**କଟକ,୧୭।୬(ସମିସ):** ଲିଙ୍କ୍‌ରୋଡ୍‌ରେ ଆଜି ଟ୍ରାଫିକ୍ ପୁଲିସ ଜଣେ ଯୁବକଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଯୁବକଙ୍କ ତଣ୍ଟିକୁ ଧରି ଜନୈକ ଟ୍ରାଫିକ୍ ପୁଲିସ ଅଶାଳୀନ ବ୍ୟବହାର କରିଥିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଏ ସମ୍ପର୍କରେ ଟ୍ରାଫିକ୍ ଥାନାରେ ଅଭିଯୋଗ ହୋଇଥିବା ଜଣାପଡ଼ିଛି। କିନ୍ତୁ କୌଣସି ମାମଲା ରୁଜୁ ହୋଇନାହିଁ। ଘଟଣା ବିଷୟରେ ଦାୟିତ୍ୱରେ ଥିବା ଟ୍ରାଫିକ୍ ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଯୁବକ ଜଣଙ୍କ ଟ୍ରାଫିକ୍ ନିୟମ ଉଲ୍ଲଘଂନ କରିଥିବାରୁ ଦାୟିତ୍ୱରେ ଥିବା ଟ୍ରାଫିକ୍ ପୁଲିସ ଓ ସମ୍ପୃକ୍ତ ଯୁବକଙ୍କ ମଧ୍ୟରେ ବଚସା ହୋଇଥିଲା। ଟ୍ରାଫିକ୍ ପୁଲିସ ଯୁବକଙ୍କୁ ଦୁଃର୍ବ୍ୟବହାର କରିଥିବା କଥାକୁ ସେ ଖଣ୍ଡନ କରିଛନ୍ତି। ପ୍ରକାଶ ଥାଉ କି, ଯୁବକ ଜଣକ ଏକ ବାଇକରେ ଜଣେ ଯୁବତୀଙ୍କ ପଛରେ ବସାଇ ଲିଙ୍କ୍‌ରାଡ୍ ଟ୍ରାଫିକ୍ ଅତିକ୍ରମ କରୁଥିବା ବେଳେ ଏହି ଘଟଣା ଘଟିଥିଲା। ପ୍ରାୟ

## ଏସ୍‌ସିବିରେ ଚକ୍ଷୁ ରୋଗୀଙ୍କୁ ଅବହେଳା!

**କଟକ,୧୭।୬(ସମିସ):**

- ଘରୋଇ ହସ୍ପିଟାଲକୁ ଯାଉଛନ୍ତି ଗରିବ ରୋଗୀ
- ଅତ୍ୟାଧୁନିକ ମେସିନ ଥିବା ସତ୍ତ୍ୱେ ମିଳୁନି ଉପଯୁକ୍ତ ଚିକିତ୍ସା

ଏସ୍‌ସିବି ମେଡିକାଲ ଚକ୍ଷୁ ବିଭାଗରେ ରୋଗୀଙ୍କୁ ଚିକିତ୍ସାରେ ଅବହେଳା କରାଯାଉଛି। ଏଠାରେ ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା ରହିଛି। ତଥାପି ରୋଗୀ ଏହି ଚିକିତ୍ସା ବ୍ୟବସ୍ଥାରେ ଉପକୃତ ହୋଇ ପାରୁନାହାନ୍ତି। ଏଣୁ ଅନେକ ଗରିବ ରୋଗୀ ବାଧ୍ୟ ହୋଇ ଘରୋଇ ହସ୍ପିଟାଲକୁ ଯାଉଛନ୍ତି। କଟକ ମାନସିଂହପାଟଣା ଅଞ୍ଚଳର ଜନୈକ ଯୁବକ ଏ ନେଇ ଅଭିଯୋଗ ଉଠାଇଛନ୍ତି। ଏକ୍ସ ଜରିଆରେ ଯୁବକ ଜଣକ ଅଭିଯୋଗ କରିବା ସହ ଜଣାଇଛନ୍ତି ଯେ, ନିଜ ଭଉଣୀଙ୍କୁ ନେଇ ସେ ଏସ୍‌ସିବି ମେଡିକାଲ ଯାଇଥିଲେ। ମାତ୍ର ଚକ୍ଷୁ ବିଭାଗରେ ତାଙ୍କୁ ଅନେକ ପରୀକ୍ଷା ହେଉ ନାହିଁ ବୋଲି କୁହାଯାଇଥିଲା। ଏ ସବୁ ସ୍ୱାସ୍ଥ୍ୟ ପରୀକ୍ଷା ସେ ଘରୋଇ ନିଦାନ କେନ୍ଦ୍ରରେ କରାଇଥିଲେ। ଏସ୍‌ସିବିରେ ରୋଗୀଙ୍କୁ ଜାଣିଶୁଣି ଅବହେଳା କରାଯାଉଛି ବୋଲି ଯୁବକ ଜଣକ ଅଭିଯୋଗ ଉଠାଇଛନ୍ତି। ଏ ବାବଦରେ ଏସ୍‌ସିବି କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

ପ୍ରକାଶଯୋଗ୍ୟ, ଏସସିବି ମେଡିକାଲରେ ଗତ ସାତ ଦଶନ୍ଧି ଧରି କାର୍ଯ୍ୟ କରୁଛି ଚକ୍ଷୁ ବିଭାଗ। ଗତ ୨୦୧୨ ମସିହାରେ ଏହି ବିଭାଗକୁ ଆଞ୍ଚଳିକ ଅନୁଷ୍ଠାନ ଭାବେ ପରିଗଣିତ କରାଯାଇଥିଲା। ରିଜିଓନାଲ ଇନଷ୍ଟିଚ୍ୟୁଟ ଅଫ ଅପଥାମୋଲୋଜି ଭାବେ ଏହା ପରିଚୟ ପାଇଥିଲା। ଉକ୍ତ ବିଭାଗ ଅଧିନରେ ଅନେକ ସବ୍-ସ୍ପେସିଆଲିଟି କ୍ଲିନିକ କାର୍ଯ୍ୟ କରୁଛି। ଅନେକ ଜଟିଳ ଚକ୍ଷୁ ରୋଗରେ ଆକ୍ରାନ୍ତ ଏଠାରେ ଚିକିତ୍ସା ସେବା ପାଇ ପାରୁଛନ୍ତି। ସବ୍-ସ୍ପେସିଆଲିଟି ଗୁଡିକ ହେଲା, ଭିଟ୍ରୋରେଟିନା, ଗ୍ଲୁକୋମା, କର୍ନିଆ, ଏଣ୍ଟେରିଅର ସେଗମେଣ୍ଟ, ପେଡିଆଟ୍ରିକ ଅପଥମାଲୋଜି, ସ୍କୁଇଣ୍ଟ,



ଅକୁଲୋପ୍ଲାଷ୍ଟି ଏବଂ ଲୋ-ଭିଜନ ଏଡ। ସବ୍-ସ୍ପେସିଆଲିଟି କ୍ଲିନିକ ଗୁଡିକରେ ପ୍ରଶିକ୍ଷିତ ଏବଂ ଦକ୍ଷ ଡାକ୍ତର ମଧ୍ୟ ନିୟୋଜିତ ହୋଇଛନ୍ତି। ବିଭାଗ ଅଧିନରେ ସ୍ୱତନ୍ତ୍ର ଭାବେ ଏକ ଭେଟ୍ରୋରେଟିନାଲ ଅପରେସନ ଥିଏଟର(ଓ.ଟି) କାର୍ଯ୍ୟ କରୁଛି। ଯେଉଁଠାରେ ଚକ୍ଷୁ ରୋଗର ଅନେକ ଅତ୍ୟାଧୁନିକ ମେସିନ ରହିଛି। ଭେଟ୍ରୋରେଟିନାଲ ରୋଗର ଜଟିଳ ଏବଂ ଗୁରୁତର ଅସ୍ତ୍ରୋପଚାର କରାଯାଉଛି। ଏପରିକି ପରୀକ୍ଷାନିରୀକ୍ଷା ଏବଂ ଚିକିତ୍ସା ବ୍ୟବସ୍ଥାର ସମସ୍ତ ଅତ୍ୟାଧୁନିକ ମେସିନ ବିଭାଗକୁ ଅଣାଯାଇଛି। ସ୍ଲିଟଲ୍ୟାମ୍ପ ବାୟୋମାଇକ୍ରୋସ୍କୋପ, ଇନଡାଇରେକ୍ଟ ଅପଥାମାଲୋସ୍କୋପ, ଗୋଲ୍ଡମାନସ ଆପ୍ଲାଣ୍ଟେସନ ଟୋନୋମିଟର, ନନକଣ୍ଟାକ୍ଟ ଟୋନୋମିଟର, ଫଣ୍ଡସ କ୍ୟାମେରା, ବି-ସ୍କାନ, ୟୁବିଏମ, ଆଇଓଏଲ ମାଷ୍ଟର, ଅଟୋରିଫ୍ରାକ୍ଟୋମିଟର ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରାଂଶ ଉପଲବ୍ଧ ରହିଛି। ତେବେ ସମ୍ପୃକ୍ତ ଯୁବକଙ୍କ ଅଭିଯୋଗ ଅନୁସାରେ ଚକ୍ଷୁ ବିଭାଗରେ ଅନେକ ଗୁରୁତ୍ୱପୂର୍ଣ୍ଣ ମେସିନ ରହିବା ସତ୍ତ୍ୱେ ରୋଗୀଙ୍କ ସେବାରେ ଏହା ଲାଗୁନାହିଁ। ଏ ଦିଗରେ ଦୃଷ୍ଟି ଦେବାକୁ ସେ ସ୍ୱାସ୍ଥ୍ୟ ବିଭାଗକୁ ନିବେଦନ କରିଛନ୍ତି।

## ଏସ୍‌ବିଆଇ ଜିଏମ୍‌ଙ୍କ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପରିଦର୍ଶନ

**କଟକ,୧୭।୬(ସମିସ)**



ଭାରତୀୟ ଷ୍ଟେଟବ୍ୟାଙ୍କର ଜିଏମ୍ ପୋନ୍ନାମବଲମ୍ ଏମ୍ ଏବଂ ଜିଜିଏମ୍ ପ୍ରଶାନ୍ତ କୁମାର ଏବଂ ଏଜିଏମ୍ ଦିଲ୍ଲୀପ ଦାସ ପ୍ରମୁଖ ସୋମବାର ପୂର୍ବାହ୍ନରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟକୁ ସୌଜନ୍ୟମୂଳକ ପରିଦର୍ଶନରେ ଆସିଥିଲେ। ଅତିଥି ଭବନରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ସେମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ଗ୍ରାମାଞ୍ଚଳ ଜନସାଧାରଣଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲାଗି ସ୍ଥାପିତ ୪୦୦ଶଯ୍ୟା ବିଶିଷ୍ଟ ପଦ୍ମିନୀ କେୟାର ହସ୍‌ପିଟାଲ, ମେଡିକାଲ କଲେଜ, କ୍ରିକେଟ ଗ୍ରାଉଣ୍ଡ, ସ୍ପୋର୍ଟସ କମ୍ପ୍ଲେକ୍ସ, କେନ୍ଦ୍ରୀୟ ପାଠାଗାର 'ଜ୍ଞାନ ଉଦ୍ୟାନ' ସମେତ ବିଭିନ୍ନ ବିଭାଗ ସେମାନେ ବୁଲି ଦେଖିଥିଲେ। ଶିକ୍ଷାନୁଷ୍ଠାନର ବିଶ୍ୱସ୍ତରୀୟ ଭିତ୍ତିଭୂମି, ଉତ୍ତମ ଶୈକ୍ଷିକ ଏବଂ ସବୁଜିମାମୟ ପ୍ରଦୂଷଣମୁକ୍ତ ପରିବେଶ ଦେଖି ସେମାନେ ଖୁସିବ୍ୟକ୍ତ କରିଥିଲେ। ଏଥିସହିତ ଏଠାରେ ଉପଲବ୍ଧ ଇଂଜିନିୟରିଂ, ମ୍ୟାନେଜମେଣ୍ଟ, ଡାକ୍ତରୀ, କୃଷି ଏବଂ ଅନ୍ୟାନ୍ୟ ପାଠ୍ୟକ୍ରମ, ପ୍ଲେସମେଣ୍ଟ ଇତ୍ୟାଦି ବିଷୟରେ ପଚାରି ବୁଝିବା ସହ ଅନୁଷ୍ଠାନର ପରିଦର୍ଶକ ପୁସ୍ତିକାରେ ନିଜର ଅଭିମତ ରଖି ଏହାର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଏହି ଅବସରରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ବ୍ୟାଙ୍କର ବରିଷ୍ଠ ପଦାଧିକାରୀଙ୍କୁ ଉତ୍ତରୀୟ ଓ ଉପଢ଼ୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। 'ଡ୍ରିମ୍‌ସ'ର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ଚାଟାର୍ଡ ଆକାଉଣ୍ଟାଣ୍ଟ ରମେଶ ପ୍ରତାପ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ବିତ୍ତ ଅଧିକାରୀ ମୃତ୍ୟୁଞ୍ଜୟ ପରିଡା, ଶିବପ୍ରସାଦ ରାଉତ, ସଚିବ ସୁଧାଂଶୁଭୂଷଣ କର, ସୁନୟ ମିଶ୍ର ଏବଂ ବିଭିନ୍ନ ବିଭାଗର ପଦାଧିକାରୀ ଉପସ୍ଥିତ ଥିଲେ।

### ଭେଜାଲ ଓ ବାସି ଖାଦ୍ୟର ପସରା

## ହୋଟେଲ, ରେଷ୍ଟୋରାଁରେ ହେଉନି ଯାଞ୍ଚ

**କଟକ,୧୭।୬(ସମିସ)**



କଟକ ସହରରେ ଥିବା କେତେକ ହୋଟେଲ ଓ ରେଷ୍ଟୋରାଁରେ ବେଧଡ଼କ ବାସି ତଥା ଭେଜାଲ ଖାଦ୍ୟ ବିକ୍ରି କରାଯାଇ ଆସୁଥିଲା ବେଳେ ଖାଦ୍ୟ ନିରାପତ୍ତା ବିଭାଗର ସ୍ଥାଣୁତା ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଏପରିକି କଟକ ସହରରେ ବାଲିଯାତ୍ରା ପରଠାରୁ ଦୀର୍ଘ ମାସ ହେଲାଣି ଖାଦ୍ୟ ପଦାର୍ଥର ମାନ ଯାଞ୍ଚ କରାଯାଉନାହିଁ। ନିର୍ବାଚନ ଋତୁ ପାଇଁ ଚଢଉ ଏକପ୍ରକାର ଶିଥୀଳ ପଡିଯାଇଥିଲା। ଏବେ ବି ଭେଜାଲ ତଥା ବାସିଖାଦ୍ୟ ବିକ୍ରି କରାଯାଇ ଆସୁଥିବା ଅଭିଯୋଗ ହେଉଛି। ଅନ୍ୟପଟରେ ଫୁଡ ସେଫଟି ଅନ ହୁଇଲ କେବଳ କାଗଜକଲମରେ ଏହା ଚାଲୁଥିବାର ପରିଲକ୍ଷିତ ହେଉଛି। ବଡ ବଡ ସଂସ୍ଥା ଭେଜାଲ ତଥା ନିମ୍ନମାନର ଖାଦ୍ୟ ବିକ୍ରି କରୁଥିଲେ ମଧ୍ୟ ବିଭାଗ କେବଳ ଉଠାଦୋକାନୀଙ୍କ ଉପରେ ଦାଉ ସାଧୁଥିବା ଅଭିଯୋଗ ହେଉଛି। କଟକ ମହାନଗର ନିଗମ ପକ୍ଷରୁ ସହରର ରାସ୍ତାଘାଟ କଡରେ ବସୁଥିବା ଉଠାଦୋକାନୀ ତଥା ଦହିବରା ଆଳୁଦମ, ଗୁପଚୁପ, ଚାଟ ଆଦି ଦୋକାନ ଉପରେ ନିୟମିତ ଚଢଉ କରାଯାଉଥିଲା ବେଳେ ଏଥିରୁ କିନ୍ତୁ ବଡ ବଡ ପ୍ରତିଷ୍ଠାନଗୁଡିକ ବର୍ତ୍ତି ଯାଉଛନ୍ତି। ଗୁରୁତ୍ୱପୂର୍ଣ୍ଣ ଏହିକି ଯେ ଦୀର୍ଘ ମାସ ତଳେ କଟକ ସହରର କେତେକ ହୋଟେଲ ଓ ରେଷ୍ଟୋରାଁକୁ ନୋଟିସ ଜାରୀ କରାଯାଇଥିଲା। ଏହି ସବୁ ହୋଟେଲ ଗୁଡିକରେ ଉନ୍ନତମାନର ଖାଦ୍ୟ ପରସାଯାଉନଥିବା ନେଇ ଖାଦ୍ୟ ନମୁନା ପରୀକ୍ଷା ପରେ ଜଣାପଡିଥିଲା। ସହରରେ ଖାଦ୍ୟ ସାମଗ୍ରୀ ବିକ୍ରି କରୁଥିବା ସବୁ ବ୍ୟବସାୟୀଙ୍କୁ ଲାଇସେନ୍ସ ପ୍ରଦାନ କରାଯାଇନି। ଦହିବରା ଆଳୁଦମ ବ୍ୟବସାୟୀ ହୁଅନ୍ତୁ ଅବା ତାରକା ହୋଟେଲ, ରାସ୍ତା କଡର ସରବତ ଦୋକାନ ହେଉ କି ଅବା ଗ୍ରୋସୋରି ଦୋକାନ ଖାଦ୍ୟ ସାମଗ୍ରୀ ବିକ୍ରି କରୁଥିବା ସବୁ ବ୍ୟବସାୟ ପ୍ରତିଷ୍ଠାନ ଫୁଡ ଲାଇସେନ୍ସ ହାସଲ କରିବା ବାଧ୍ୟତାମୂଳକ କରାଯାଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ନିର୍ଦ୍ଦେଶନାମା ଅନୁସାରେ ଏହାକୁ ସହରରେ ସିଏମସି କାର୍ଯ୍ୟକାରୀ କରୁଛି।

## ଆଶା ପ୍ଲେ ସ୍କୁଲର ବାର୍ଷିକ ଉତ୍ସବ



**କଟକ,୧୭।୬(ସମିସ):** କଟକ କଳା ବିକାଶ କେନ୍ଦ୍ରରେ ଆଶା ପ୍ଲେ ସ୍କୁଲ ଆଣ୍ଡ ଡେ କେୟାର୍‌ର ବାର୍ଷିକ ଉତ୍ସବ, ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଶିକ୍ଷାବିତ୍ ଦ୍ୱିଜବର ନାୟକଙ୍କ ଅଧ୍ୟକ୍ଷତାରେ ବିଶିଷ୍ଟ ଲେଖିକା ଜ୍ୟୋତ୍ସ୍ନା ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ପିଲାମାନେ ଆମ ଦେଶର ଭବିଷ୍ୟତ। ସେମାନଙ୍କୁ ଉତ୍ତମ ନାଗରିକ ଭାବେ ଗଢ଼ିତୋଳିବା ଆମ ସମସ୍ତଙ୍କର ଦାୟିତ୍ୱ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ, ନାଟ୍ୟକାର ସଂଜିତ୍ କୁମାର ପଟ୍ଟନାୟକ, ସମ୍ମାନୀତ ଅତିଥି ଭାବେ ବିଶିଷ୍ଟ ଓଡ଼ିଶୀ ନୃତ୍ୟ ଗବେଷକ ଡକ୍ଟର ଚିତ୍ତରଞ୍ଜନ ସାହାଣୀ, ବିଶିଷ୍ଟ ଅତିଥି ଭାବେ ବରିଷ୍ଠ ସ୍ତମ୍ଭକାର କାନନ୍ ଦାଶ ଯୋଗଦେଇଥିଲେ। ସଭାପତି ଶ୍ରୀ ନାୟକ କହିଥିଲେ, କଟକ ସିଡିଏଠାରେ ଆଶା ପ୍ଲେ ସ୍କୁଲ ପାଠପଢ଼ା, ନୃତ୍ୟ ସଂଗୀତ, ଶିକ୍ଷା ଦେବା ସହ ପିଲାମାନଙ୍କ ଦୈନିକ ଯତ୍ନ ନେବାର ବ୍ୟବସ୍ଥା କରି କଟକରେ ଆଦର୍ଶ ସୃଷ୍ଟି କରିଛି। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସଂଗୀତ ସଂଯୋଜକ ବିଭୂଦତ୍ତ ମଲ୍ଲଙ୍କ ନିର୍ଦ୍ଦେଶନାରେ ପ୍ରାରମ୍ଭିକ ସଂଗୀତ, ଉଦ୍‌ଯାପନୀ ସଂଗୀତ, ଭଜନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବକୁ ସଂଯୋଜନା କରିଥିଲେ ଆକାଶବାଣୀର ଉଦ୍‌ଘୋଷିକା ସୁଶ୍ରୀ ଦୀପ୍ତି ଦାସ। ସମ୍ବର୍ଦ୍ଧିକା ମିଶ୍ର ଓ ଆନନ୍ଦିକା ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୋନାଲିସା ଦାଶ, ବର୍ଷା ଦାଶ, ଅନନ୍ୟା ରଥ, ଅନନ୍ୟା ଦାଶ, ବର୍ତ୍ତିକା ଦାଶ, ପ୍ରଜ୍ଞାଶ୍ରୀ ସାହୁ, ଶ୍ରେୟାଂଶୀ ଜେନା, ସାଇସ୍ମିତା ନାୟକ, ସ୍ୱୟଂସିଦ୍ଧି ଧର୍ଜୀ, ଅମ୍ରିତା ରାଉତ, ଭବ୍ୟମ୍ ମିଶ୍ର, ପ୍ରତ୍ୟୁଷ ମହାନ୍ତି, ସ୍ୱସ୍ତିକ ଦାଶ, ଆଦ୍ରିତି ମହାନ୍ତି, ପ୍ରୀତିରେଖା ବେହେରା, ସୁଲଗ୍ନା ଦାଶ, ଦିବ୍ୟାଶ୍ରୀ ସ୍ୱାଇଁ, ତନ୍‌ଭୀ ରାଉତ, ଲିପାକ୍ଷୀ ଦାଶ, ଅଙ୍କିତା ରାଉତ, ଦୀପଶିଖା ମହାନ୍ତି ପ୍ରମୁଖ ନୃତ୍ୟ ଓ ସଂଗୀତ ଶିଳ୍ପୀମାନଙ୍କ ଦ୍ୱାରା ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଉତ୍କଳ ଯାଦବ ମହାସଭାର ପ୍ରତିନିଧି ଦଳ



**କଟକ,୧୭।୬(ସମିସ):**

ଉତ୍କଳ ଯାଦବ ମହାସଭାର ସଭାପତି ଆଶୀର୍ବାଦ ବେହେରାଙ୍କ ନିର୍ଦ୍ଦେଶକ୍ରମେ ଓ ଅଖିଳ ଭାରତ ବର୍ଷୀୟ ଯାଦବ ମହାସଭା ଯୁବ ସଭାପତି ଙ୍କ ପ୍ରଦୀପ ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ତାଙ୍କ ସରକାରୀ ବାସଭବନରେ ଭେଟି ଶୁଭେଚ୍ଛା ଜଣାଇବା ସହ ଚଳିତ ବିଧାନସଭା ନିର୍ବାଚନରେ ଉତ୍କଳ ଯାଦବ ମହାସଭାର ପ୍ରକଳ୍ପ ବିଭାଗର ସଭାପତି ଲକ୍ଷ୍ମଣ ବାଗ କଣ୍ଟାବାଞ୍ଜିରୁ ବିଜୟଲାଭ କରି ସମଗ୍ର ଓଡିଶାରେ ଚର୍ଚ୍ଚାର ବିଷୟ ପାଲଟିଛନ୍ତି। ଆଗାମୀ ଦିନରେ ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ସମୟରେ ଶ୍ରୀ ବାଗଙ୍କୁ ମନ୍ତ୍ରୀମଣ୍ଡଳରେ ସ୍ଥାନ ଦେବାକୁ ଉତ୍କଳ ଯାଦବ ମହାସଭା ପକ୍ଷରୁ ଦାବି କରାଯାଇଥିଲା। ପ୍ରତିନିଧି ଦଳରେ ଉତ୍କଳ ଯାଦବ ମହାସଭାର ସଭାନେତ୍ରୀ ଗୀତାରାଣୀ ଦାସ, ଅଫିସ କାର୍ଯ୍ୟାଳୟ ସମ୍ପାଦକ ବୁଲେଇ ବେହେରା, ପ୍ରୀତିରଞ୍ଜନ କାଠୁଆ, ପ୍ରେମାନନ୍ଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



କଟକକୁ ପ୍ରଥମ ଗସ୍ତ ଅବସରରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ସମୀର ଦେଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ



ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ



ପ୍ରଶଂସକଙ୍କ ଗହଣରେ ମୁଖ୍ୟମନ୍ତ୍ରୀ





# ପୁଲିସ ଡେସ୍କରେ ଅଭିଯୋଗ ସଂଖ୍ୟା ନୈରାଶ୍ୟଜନକ

କଟକ,୧୭।୬(ସମିସ)




## ଫଳପ୍ରଦ ହେଲାନି 'ଷ୍ଟ୍ରିଟ୍ କ୍ରାଇମ୍ କଣ୍ଟ୍ରୋଲ୍ ୟୁନିଟ୍'
## ୪ ମାସରେ ବନ୍ଦ ହେବାକୁ ବସିଛି 'ଅପରାଧୀ ସାବାଡ୍' ଯୋଜନା

କମିଶନରେଟ୍ ପୁଲିସ ପକ୍ଷରୁ କଟକ ୟୁପିଡିରେ ଆରମ୍ଭ କରାଯାଇଥିଲା 'ଷ୍ଟ୍ରିଟ୍ କ୍ରାଇମ୍ ପ୍ରିଭେନ୍‌ସନ୍ ଆଣ୍ଡ ଡିଟେକସନ୍ ୟୁନିଟ୍'। ମାତ୍ର ୪ମାସ ଚାଲିବା ପରେ ଏହା ବନ୍ଦ ହେବାକୁ ବସିଛି। ଏହାର ପ୍ରମୁଖ କାରଣ ହେଉଛି ଅଭିଯୋଗ ସଂଖ୍ୟା କମ୍ ଏବଂ ପୁଲିସର ଅଫସରଙ୍କ ଅନ୍ୟତ୍ର ବଦଳି। ପୁଲିସ ଡେସ୍କରେ ଅଭିଯୋଗ ସଂଖ୍ୟା କମିବାରୁ ଏଥି ପ୍ରତି ତତ୍କାଳିନ ପୁଲିସ ଅଫିସରମାନେ ଗୁରୁତ୍ୱ ଦେଉ ନାହାନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଏହି ଯୋଜନା ଆରମ୍ଭ ଦିନୁ ମାତ୍ର ଅଭିଯୋଗ ସଂଖ୍ୟା ୧୦୦ଛୁଇଁନାହିଁ। ଯାହାକୁ ନେଇ ଏହି ଡେସ୍କ ଏବେ କାର୍ଯ୍ୟକ୍ଷମ ହେବା କଷ୍ଟକର ହୋଇ ପଡ଼ିଛି। କଟକ ସହରରେ ଅପରାଧିଙ୍କୁ ସାବାଡ୍ କରିବା ନିମନ୍ତେ ୪ମାସ ପୂର୍ବେ ତତ୍କାଳିନ ଡିସିପି ଡଃ କନ୍‌ୱର୍ ବିଶାଲ୍ ସିଂ ଏହି କଡା ପଦକ୍ଷେପ ଗ୍ରହଣ କରିଥିଲେ। ଏଥିନିମନ୍ତେ ୨୪ଘଣ୍ଟିଆ ଟୋଲ୍ ଫ୍ରି' ନମ୍ବର ୭୯୭୮୮୯୪୪୦୫ ଜାରି କରାଯାଇଥିଲା। ପୁଲିସର ସ୍ମାର୍ଟ କଣ୍ଟ୍ରୋଲ୍ ରୁମ୍‌ରେ ଚାଲୁଥିବା ଟୋଲ୍ ଫ୍ରି' ନମ୍ବର ୧୧୨ ସହିତ ଷ୍ଟ୍ରିଟ୍ କ୍ରାଇମ୍ ପ୍ରିଭେନ୍‌ସନ୍ ଆଣ୍ଡ ଡିଟେକସନ୍ ୟୁନିଟ୍'ର ଟୋଲ୍ ଫ୍ରି' ନମ୍ବର କାର୍ଯ୍ୟକ୍ଷମ ହେଉଥିଲା। କଟକ ସହରରେ ଦିନକୁ ଦିନ ଚୋରି, ଡକାୟତି, ଛିନ୍‌ତାଇ ଓ ମଦ୍ୟପଙ୍କ ଉତ୍ପାତ ବଢୁଥିବା ବେଳେ ଏଥିରେ ରୋକ୍ ଲଗାଇବା ପାଇଁ ଡିସିପି ଶ୍ରୀ ସିଂ ଏଭଳି ପଦକ୍ଷେପ ନେଇଥିଲେ। ତେବେ ପୁଲିସ କୌଣସି ଅଭିଯୋଗ ପାଇବା ପରେ ତାହାକୁ ୧୫ମିନିଟ୍ ଭିତରେ ଅଭିଯୋଗକାରୀଙ୍କ ସହ ଯୋଗାଯୋଗ କରିବ। ଏହାର ୨୪ଘଣ୍ଟା ଭିତରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ବ୍ୟବସ୍ଥା ହୋଇଥିଲା। ଏଥି ସହିତ କାହା ସାମ୍ନାରେ ଯଦି କୌଣସି ଅପରାଧ ଘଟୁଛି, ସେ ତୁରନ୍ତ ଉପରୋକ୍ତ ଟୋଲ୍ ଫ୍ରି' ନମ୍ବରରେ ପୁଲିସକୁ ଅଭିଯୋଗ କରିପାରିବ। ସମ୍ପୃକ୍ତ ଅଭିଯୋଗକାରୀଙ୍କ ନାମ ଗୋପନ ରଖାଯିବ। ହେଲେ ଏହି ସମ୍ପୂର୍ଣ୍ଣ ଯୋଜନାଟି ଫଳପ୍ରଦ ହୋଇ ପାରିଲା ନାହିଁ।

ପୁଲିସ ସୂତ୍ରରୁ ପ୍ରକାଶ ଯେ, ଗଠନ କରାଯାଇଥିବା ୟୁନିଟ୍‌କୁ ଏଡିସିପି(କ୍ରାଇମ୍) ପରିଚାଳନା କରିବାର ଯୋଜନା ରହିଥିଲା। ଏହି ୟୁନିଟ୍‌କୁ ପ୍ରତ୍ୟେକ ଦିନ ଆସିଥିବା ଅଭିଯୋଗକୁ ନିଜେ ଡିସିପି ତଦାରଖ କରୁଥିଲେ। ଯଦି କୌଣସି ପୁଲିସ ଅଧିକାରୀ ନିଜ ଡ୍ୟୁଟିରେ ଅବହେଳା କରନ୍ତି, ତେବେ ତୁରନ୍ତ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଥିଲା। ସମ୍ପ୍ରତି କଟକ ସହରରେ ରାସ୍ତାକଡ଼ଠାରୁ ଆରମ୍ଭ କରି ସହରର ଗଳିକନ୍ଦିରେ ପ୍ରତ୍ୟେକ ଦିନ ବିଭିନ୍ନ ଅପରାଧ ଘଟୁଛି। ଅଭିଯୋଗକାରୀମାନେ ଥାନାକୁ ଆସି ଅଭିଯୋଗ କରିବା ପରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ। ମୁଖ୍ୟତଃ ସହରରେ ବ୍ରାଉନସୁଗର, ଗଞ୍ଜେଇ ଓ ଚୋରା ମଦ କାରବାର ହେଉଛି। ବିଳମ୍ବିତ ରାତିରେ ହେଉ କି ଦିନରେ ସର୍ବସାଧାରଣରେ କେତେକ ଲୋକ ମଦ୍ୟପାନ କରୁଛନ୍ତି। ସାଧାରଣ ସହରବାସୀ ଏହାକୁ ନେଇ ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଭିନ୍ନ ସମୟରେ ବରିଷ୍ଠ ନାଗରିକ ଏହାକୁ ନେଇ ବିପଦରେ ପଡୁଛନ୍ତି। ପୁଲିସର ଏହି ପଦକ୍ଷେପ ଯୋଗୁଁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ଏହି ଯୋଜନା ଫଳପ୍ରଦ ହୋଇ ପାରି ନାହିଁ।

ଏହି ୟୁନିଟ୍ ସମ୍ପର୍କରେ ଜଣେ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ 'ଷ୍ଟ୍ରିଟ୍ କ୍ରାଇମ୍ ପ୍ରିଭେନ୍‌ସନ୍ ଆଣ୍ଡ ଡିଟେକସନ୍ ୟୁନିଟ୍'କୁ ଆଦୌ ବନ୍ଦ କରାଯାଇ ନାହିଁ। ଅଭିଯୋଗ ସଂଖ୍ୟା କମୁଥିବାରୁ ୟୁନିଟ୍ ଶତପ୍ରତିଶତ କାର୍ଯ୍ୟକ୍ଷମ ହେଉନାହିଁ। ସହରର ପ୍ରତ୍ୟେକ ନାଗରିକଙ୍କୁ ସୁରକ୍ଷା ପ୍ରଦାନ କରିବା ପୁଲିସର ପ୍ରାଥମିକ ଦାୟିତ୍ୱ ଓ କର୍ତ୍ତବ୍ୟ। ସାମ୍ପ୍ରତିକ ପରିସ୍ଥିତିରେ ଜନସାଧାରଣଙ୍କୁ ସୁରକ୍ଷା ପ୍ରଦାନ କରିବା ସହ ଏକ ସୁସ୍ଥ ସମାଜ ଗଠନ କ୍ଷେତ୍ରରେ ପୁଲିସ କାର୍ଯ୍ୟ କରୁଛି।

# ଦେବା ଓ ସାହାଯ୍ୟ କରିବାରେ ଆତ୍ମସନ୍ତୋଷ ମିଳେ

## କଳାବିକାଶ କେନ୍ଦ୍ରରେ ଆର୍ଟ ଅଫ୍ ଗିଭିଂ ଦିବସ

କଟକ,୧୭।୬(ସମିସ)




ସନ୍ଧ୍ୟାରେ କିସ୍ ବିଶ୍ୱବିଦ୍ୟାଳୟର ଗୋପବନ୍ଧୁ ଦାସ ରିସର୍ଚ୍ଚ ଚେୟାର ପକ୍ଷରୁ କଳାବିକାଶ କେନ୍ଦ୍ର କଟକ ଠାରେ ଆର୍ଟ ଅଫ୍ ଗିଭିଂ ଦିବସ ପାଳିତ ହୋଇଯାଇଛି। ଦେବା ଓ ସାହାଯ୍ୟ କରିବାରେ ଯେଉଁ ଆତ୍ମସନ୍ତୋଷ ମିଳେ ତାହା ଅନନ୍ୟ। ଦେଇ ଜାଣିଲେ ମଣିଷ ଜୀବନ ସୁନ୍ଦର ହୋଇପାରିବ। ମଣିଷ ସୁନ୍ଦର ହେଲେ ସମାଜ ସୁନ୍ଦର ହୋଇପାରିବ। ତେଣୁ ପ୍ରତ୍ୟେକ ବ୍ୟକ୍ତିଙ୍କ ଭିତରେ ଦେବା ସଂସ୍କୃତି ବିକଶିତ ହେବାର ଆବଶ୍ୟକତା ରହିଛି ବୋଲି ଆର୍ଟ ଅଫ୍ ଗିଭିଂ ଦିବସ ପାଳନ ଅବସରରେ ବକ୍ତାମାନେ ମତ ପ୍ରକାଶ କରିଛନ୍ତି। ଏହି ଉତ୍ସବରେ ଗୋପବନ୍ଧୁ ଦାସ ରିସର୍ଚ୍ଚ ଚେୟାର ପ୍ରଫେସର ବିଜୟାନନ୍ଦ ସିଂହ ସଭାପତିତ୍ୱ କରିଥିଲେ। କଳାବିକାଶ କେନ୍ଦ୍ରର ପ୍ରଶାସନିକ ଅଧିକାରୀ ରବୀନ୍ଦ୍ରନାଥ ଜଟ ମୁଖ୍ୟଅତିଥି ଓ ବିଶିଷ୍ଟ ପ୍ରକାଶକ ଶିବାଶିଷ କର ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଫେସର ଅଚ୍ୟୁତ ସାମନ୍ତଙ୍କ ମହନୀୟ ଉଦ୍ୟମକୁ ପ୍ରଶଂସା କରିଥିଲେ। ଉତ୍ସବରେ ସୋନାଲିନ୍ ଶତପଥୀ ସୂଚନା ପ୍ରଦାନ କରିଥିଲା ବେଳେ ମନୀଷା ନାଥ, ପ୍ରଜ୍ଞା ମିଶ୍ର, ଭଦ୍ରରୂପା ଭୂମିଜା ପାଣି ପ୍ରମୁଖ ବକ୍ତବ୍ୟ ପ୍ରଦାନ ପୂର୍ବକ ଆଲୋଚନାରେ ଭାଗ ନେଇ ଦେବାପଣିଆକୁ ଜୀବନର ବ୍ରତ ଭାବରେ ଗ୍ରହଣ କରିବା ପାଇଁ କହିଥିଲେ। ପ୍ରୀତିନନ୍ଦା ଦାସ ଧନ୍ୟବାଦ ଦେଇଥିଲେ। ଏଥିରେ କଳାବିକାଶ କେନ୍ଦ୍ରର ନୃତ୍ୟ ବିଭାଗ ଛାତ୍ରୀମାନେ ଯୋଗଦେଇଥିଲେ।

# ହୁଣ୍ଡି ଭାଙ୍ଗି ମନ୍ଦିରରୁ ଚୋରି: ଅଭିଯୁକ୍ତ ଗିରଫ

**କଟକ,୧୭।୬(ସମିସ):** ମନ୍ଦିର ହୁଣ୍ଡି ଭାଙ୍ଗି ଚୋରି କରିବା ଅଭିଯୋଗରେ ଜଣକୁ ଗିରଫ କରିଛି ସିଆରଆରଆଇ ଥାନା ପୁଲିସ। ଅଭିଯୁକ୍ତ ଜଣକ ହେଉଛି ତିର୍ତ୍ତୋଲ ଦଣ୍ଡୁଆ ମଲ୍ଲିକ ସାହିର ଦୀପ୍ତିରଞ୍ଜନ ମଲ୍ଲିକ (୩୦)। ଆଜି ତାକୁ କୋର୍ଟ ଚାଲାଣ କରାଯାଇଛି।

ପୁଲିସ ସୂତ୍ରରୁ ପ୍ରକାଶ ଯେ କେଶପୁର ବଜାର ସିଆରଆରଆଇ ନିକଟରେ ଏକ ହନୁମାନ ମନ୍ଦିର ରହିଛି। ରବିବାର ସନ୍ଧ୍ୟାରେ ଅଭିଯୁକ୍ତ ଦୀପ୍ତି ସେଠାରେ ବୁଲାବୁଲି କରୁଥିଲା। ପରେ ସୁଯୋଗ ଦେଖି ସେ ମନ୍ଦିର ଭିତରକୁ ଯାଇ ସେଠାରେ ଥିବା ହୁଣ୍ଡିକୁ ଭାଙ୍ଗି ଦେଇଥିଲା। ଆଉ ଟଙ୍କା ଧରି ଚୁପଚାପ ବାହାରକୁ ଚାଲିଆସିଲା। ଏତିକିବେଳେ ସ୍ଥାନୀୟ ଅଞ୍ଚଳର ଅନିଲ ଦାସ ପୂଜାର୍ଚ୍ଚନା ପାଇଁ ମନ୍ଦିରକୁ ଯାଇ ଦେଖିଲେଯେ ହୁଣ୍ଡି ଭଙ୍ଗା ହୋଇ ତଳେ ପଡିଛି। ସନ୍ଦେହ କରି ସେ ଦୀପ୍ତିକୁ ଅଟକିବାକୁ କହିବାରୁ ସେ ଦୌଡି ପଳାଇଥିଲା। ଅନିଲଙ୍କ ପାଟିଶୁଣି ଆଖପାଖର ଲୋକେ ପିଛା କରି ତାକୁ କାବୁ କରିଥିଲେ। ଖବର ପାଇ ପୁଲିସ ପହଞ୍ଚି ଦୀପ୍ତିକୁ ଥାନାକୁ ଧରିଆଣିଥିଲା। ଜେରା ବେଳେ ସେ ହୁଣ୍ଡି ଭାଙ୍ଗିବା ଘଟଣାକୁ ସ୍ୱୀକାର କରିବା ସହ ତା' ପାଖରୁ କିଛି ଟଙ୍କା ମଧ୍ୟ ଜବତ ହୋଇଛି। ଏନେଇ ଅନିଲଙ୍କ ଏତଲା ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦୀପ୍ତିକୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

# ମହିଳାଙ୍କ ବିରୋଧରେ ଠକେଇ ଅଭିଯୋଗ

କଟକ,୧୭।୬(ସମିସ)

ମଙ୍ଗଳବାଗ ଥାନାରେ ଆଜି ଜଣେ ମହିଳାଙ୍କ ବିରୋଧରେ ଠକେଇ ଅଭିଯୋଗ ହୋଇଛି। ପୂର୍ଣ୍ଣିମା ସିଂହ ନାମକ ଜଣେ ମହିଳା ବକ୍ସିବଜାର ଅଞ୍ଚଳର ଜଣେ ମହିଳାଙ୍କ ନିକଟରୁ ୮ ଲକ୍ଷ ଟଙ୍କା ଠକିନେଇଛନ୍ତି। ଟଙ୍କା ଫେରସ୍ତ ମାଗିବାରୁ ପୂର୍ଣ୍ଣିମା ତାଙ୍କୁ ଭୁଜାଲି ଦେଖାଇ ହତ୍ୟା ଧମକ ଦେଉଥିବା ଭଳି ସଂଗୀନ ଅଭିଯୋଗ ମଙ୍ଗଳାବାଗ ଥାନାରେ କରାଯାଇଛି। ପୁଲିସ ଏନେଇ ଏକ ଠକେଇ ସହିତ ଷଡ଼ଯନ୍ତ୍ର ମାମଲା ରୁଜୁ କରିଛି। ମଙ୍ଗଳାବାଗ ଥାନା ପୁଲିସ ପୂର୍ଣ୍ଣିମାଙ୍କ ବିରୋଧରେ ଦଫା ୨୯୪, ୪୦୬, ୪୨୦, ୫୦୬, ୧୨୦(ବି)ରେ ମାମଲା (କେସ୍ ନଂ ୧୪୫/୨୪)ରେ ରୁଜୁ କରିଛି।

ଅଭିଯୋଗ ଅନୁଯାୟୀ, ବକ୍ସିବଜାର ବଡ଼େଇ ସାହିର ଇପ୍ସିତା ଚକ୍ରବର୍ତ୍ତିଙ୍କ ପୂର୍ଣ୍ଣିମାଙ୍କ ସହିତ ସୁସମ୍ପର୍କ ରହିଥିଲା। ସେ ସମ୍ପର୍କ ଥିବା କାରଣରୁ ପୂର୍ଣ୍ଣିମା ଔଷଧ ବ୍ୟବସାୟ କରିବ ପାଇଁ ତାଙ୍କୁ ୮ ଲକ୍ଷ ଟଙ୍କା ମାଗିଥିଲେ। ଗତ ୭ ବର୍ଷ ତଳେ ଇପ୍ସିତା ୮ ଲକ୍ଷ ଟଙ୍କା ଦେଇଥିଲେ। ଏହି ଟଙ୍କା କାରବାରକୁ ନେଇ ଗଲା ୨୦୨୧ ମେ ୧୮ରେ ଏକ ନୋଟାରି ଆଫିଡେଭିଟ୍ ହୋଇଥିଲା। ୮ ଲକ୍ଷ ଟଙ୍କା ସୁଧ ସହିତ ଫେରସ୍ତ କରିବାକୁ ଚୁକ୍ତି ମଧ୍ୟ କରାଯାଇଥିଲା। ଏହା ସହିତ ପୂର୍ଣ୍ଣିମା ବ୍ୟାଙ୍କ ଅଫ୍ ବରୋଦାର ଏକ ବ୍ଲାଙ୍କ୍ ଚେକ୍ ଇପ୍ସିତାଙ୍କୁ ଦେଇଥିଲେ। କିନ୍ତୁ ଚୁକ୍ତିକୁ ୨୩ ମାସ ବିତିଯାଇଥିଲେ ମଧ୍ୟ ୮ ଲକ୍ଷ ଟଙ୍କା ପୂର୍ଣ୍ଣିମା ଫେରସ୍ତ କଲେ ନାହିଁ। ଏହି ଟଙ୍କା ପାଇଁ ଚଳିତ ବର୍ଷ ମାର୍ଚ୍ଚ ୧୯ରେ ଇପ୍ସିତା ତାଙ୍କ ସ୍ୱାମୀ ଇନ୍ଦ୍ରନାଥ ଚକ୍ରବର୍ତ୍ତିଙ୍କ ସହିତ ପୂର୍ଣ୍ଣିମାଙ୍କ ମଙ୍ଗଳାବାଗ ବେପାରୀ ସାହିରେ ଥିବା ଘରକୁ ଯାଇଥିଲେ। ତାଙ୍କୁ ଟଙ୍କା ମାଗିବାରୁ ପୂର୍ଣ୍ଣିମା ଭୁଜାଲି ଦେଖାଇଥିଲେ। ଅସଭ୍ୟ ଭାଷାରେ ଗାଳି ଗୁଲଜ ସହିତ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ପୂର୍ଣ୍ଣିମା ଧମକ ଦେଉଥିବା ସଂକ୍ରାନ୍ତରେ ଇପ୍ସିତା ମଙ୍ଗଳାବାଗ ଥାନାରେ ଦେଇଥିବା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ମଙ୍ଗଳାବାଗ ଥାନା ଆଇଆଇସି ଉମାକାନ୍ତ ସାହୁଙ୍କ କହିବା ଅନୁଯାୟୀ, ଇପ୍ସିତାଙ୍କ ନିକଟରୁ ୮ ଲକ୍ଷ ଟଙ୍କା ପୂର୍ଣ୍ଣିମା ଠକିବା ଘଟଣାରେ ସେ ପ୍ରଥମେ ଜେଏମଏଫସି ସିଟି କୋର୍ଟର ଦ୍ୱାରସ୍ଥ ହୋଇଥିଲେ। କୋର୍ଟର ନିର୍ଦ୍ଦେଶ ବଳରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଶ୍ରୀ ସାହୁ ସୂଚନା ଦେଇଛନ୍ତି।

● ଖରା ଛୁଟି ପରେ ଆଜି ଖୋଲିବ ସ୍କୁଲ

# ଗ୍ରୀଷ୍ମ ପ୍ରବାହ ପାଇଁ ୩ ଦିନ ସକାଳୁଆ ସ୍କୁଲ

**କଟକ,୧୭।୬(ସମିସ):** ଦୀର୍ଘ ୫୪ ଦିନର ଖରା ଛୁଟି ଶେଷ ପରେ ମଙ୍ଗଳବାର କଟକ ଜିଲ୍ଲାରେ ସମସ୍ତ ସ୍କୁଲ ଖୋଲିବ। ଗ୍ରୀଷ୍ମପ୍ରବାହ, ଗୁଳୁଗୁଳି ପାଇଁ ସରକାର ଜିଲ୍ଲାପାଳଙ୍କ ଉପରେ ସ୍କୁଲ ଖୋଲିବା ଏବଂ ସମୟ ନିର୍ଘଣ୍ଟ ନିଷ୍ପତ୍ତି ଛାଡିଥିଲେ। ଏଣୁ କଟକ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ଆସନ୍ତାକାଲି ଠାରୁ ୩ ଦିନ ଅର୍ଥାତ ୨୦ ତାରିଖ ଯାଏଁ ସମସ୍ତ ସ୍କୁଲ ସକାଳୁଆ ଚାଲିବ। ସକାଳ ସାଢେ ୬ଟା ୩୦ରୁ ସାଢେ ୧୦ଟା ଯାଏଁ ପାଠପଢା ହୋଇ ଛୁଟି ହେବ ବୋଲି କୁହାଯାଇଛି। ପ୍ରକାଶଥାଉକି ପ୍ରବଳ ଗ୍ରୀଷ୍ମପ୍ରବାହ ଓ ଗୁଳୁଗୁଳି ପାଇଁ ଗତ ଗ୍ରୀଷ୍ମ ଅବକାଶ ପୂର୍ବରୁ ରାଜ୍ୟ ସରକାର ସ୍କୁଲ ଛୁଟି ଘୋଷଣା କରିଥିଲେ। ଗତ ଏପ୍ରିଲ ୨୫ତାରିଖ ଠାରୁ ସମସ୍ତ ସ୍କୁଲ ବନ୍ଦ ରହିଥିଲା। ୫୪ ଦିନର ଗ୍ରୀଷ୍ମ ଅବକାଶ ପାଇଁ ସ୍କୁଲ ବନ୍ଦ ରହିଥିବା ବେଳେ ଆସନ୍ତାକାଲି ତଥା ଜୁନ୍ ୧୮ ତାରିଖ ମଙ୍ଗଳବାର ବିଦ୍ୟାଳୟ ଖୋଲିବାକୁ ନିର୍ଦ୍ଦେଶ ଆସିଛି। ହେଲେ କଟକ ଜିଲ୍ଲାରେ ଗୁଳୁଗୁଳି ଓ ଗ୍ରୀଷ୍ମ ପ୍ରବାହ ଅବସ୍ଥାରେ ସୁଧାର ଆସି ନ ଥିବା ବେଳେ ସକାଳୁଆ ସ୍କୁଲ ହେବ। ତଥାପି ସକାଳ ୯ଟା ପରଠାରୁ ଗୁଳୁଗୁଳି ଆରମ୍ଭ ହୋଇଯାଉଥିବାରୁ ଅଭିଭାବକ ମାନେ ସେମାନଙ୍କ ପିଲାଙ୍କ ପାଠପଢା ନେଇ ଚିନ୍ତିତ ଥିବା ଜଣାପଡିଛି।

ବିଧାୟକଙ୍କ ଶପଥଗ୍ରହଣ ଲାଗି କଡ଼ା ସୁରକ୍ଷା

# ତ୍ରିସ୍ତରୀୟ ସୁରକ୍ଷା ବନ୍ଦୋବସ୍ତ; ଜଗିବେ ୮ ପ୍ଲାଟୁନ୍ ଫୋର୍ସ

● ଲୋୟର ପିଏମ୍‌ଜିରେ ଧାରଣା ପାଇଁ ମିଳୁନି ଅନୁମତି

**ଭୁବନେଶ୍ୱର,୧୭।୬(ସମିସ):** ନୂତନ ଭାବେ ନିର୍ବାଚିତ ବିଧାୟକଙ୍କ ଶପଥଗ୍ରହଣ ଉତ୍ସବ କାର୍ଯ୍ୟକ୍ରମ ଲାଗି ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ବିଧାନସଭା ପରିସରରେ ତ୍ରିସ୍ତରୀୟ ସୁରକ୍ଷା ବନ୍ଦୋବସ୍ତ କରାଯାଇଛି। ବିଧାନସଭା ଓ ଆଖପାଖ ଅଞ୍ଚଳ ପୁଲିସ ଛାଉଣି କରାଯିବ। ସୁରକ୍ଷା ଦାୟିତ୍ୱରେ ୮ ପ୍ଲାଟୁନ ଫୋର୍ସ ଓ ବିଭିନ୍ନ ପାହ୍ୟାର ୭୫ଜଣ ଅଧିକାରୀଙ୍କୁ ମୁତୟନ କରାଯିବ। ଏଥିରେ ଅତିରିକ୍ତ ଡିସିପି, ଏସିପି, ଇନ୍ସପେକ୍ଟର, ଏସ୍ଆଇ, ହାବିଲଦର, କନ୍‌ଷ୍ଟେବଲ ଓ ମହିଳା ପୁଲିସ ରହିଛନ୍ତି। ସେଭଳି ଏସ୍ଓଜି, ଷ୍ଟ୍ରାଇକିଂ ଫୋର୍ସ, ବୋମା ନିଷ୍କ୍ରିୟକାରୀ ଦଳ, କ୍ୟୁଏଟି, ଡଗ୍ ସ୍କ୍ୱାଡ, ଅଗ୍ନିଶମ ବିଭାଗ ସବୁ ଦିଗ ଉପରେ କଡ଼ା ନଜର ରଖିବେ ବୋଲି ପୁଲିସ ଡିଜି ଅରୁଣ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ସେହିପରି ଲୋୟର୍ ପିଏମ୍‌ଜିରେ ଏଥର ଧାରଣା ପାଇଁ ଅନୁମତି ମିଳିବ ନାହିଁ। ତଥାପି ମଧ୍ୟ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଲୋୟର ପିଏମ୍‌ଜି, ରବୀନ୍ଦ୍ର ମଣ୍ଡପ ଛକ ଓ ସଂଲଗ୍ନ ରାସ୍ତାରେ ପର୍ଯ୍ୟାପ୍ତ ସିସିଟିଭି ଲଗାଯାଇଛି। ସୁରକ୍ଷାକୁ ଅଧିକ କଡ଼ାକଡ଼ି କରିବା ପାଇଁ ଅସ୍ଥାୟୀ କଣ୍ଟ୍ରୋଲ ରୁମ୍ ବ୍ୟବସ୍ଥା କରାଯାଇଛି। ବିଧାନସଭା ଚାରିପଟେ ୧୪୪ ଧାରା ଲାଗୁ କରିବା ସହ ସଶସ୍ତ୍ର ସୁରକ୍ଷା ବାହିନୀ ଆହୋରାତ୍ର ଜଗିବେ। ବିଧାନସଭା ଛାତ ଉପରେ ପୁଲିସ ରହିବେ। ପ୍ରବେଶ ପଥରେ ଚେକ୍‌ପୋଷ୍ଟ କରାଯିବା ସହିତ ବିଧାନସଭାକୁ ସଂଯୋଗ କରୁଥିବା ରୁଟ୍‌କୁ ଡାଇଭର୍ଟ କରାଯିବ। ସୋମବାର ଡିଜିପିଙ୍କ ସହ ପୁଲିସ କମିସନର୍ ସଞ୍ଜୀବ ପଣ୍ଡା, ଗୁଇନ୍ଦା ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ, ଗୁଇନ୍ଦା ଆଇଜି ଅନୁପ ସାହୁ ଓ ଅନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରିଛନ୍ତି।

# ଅଡୁଆ କରୁଛି ଅଜଣା ମୃତଦେହ

**ଭୁବନେଶ୍ୱର,୧୭।୬(ସମିସ):** ରାଜଧାନୀରେ ଦିନକୁ ଦିନ ଅପରିଚିତ ବ୍ୟକ୍ତିଙ୍କ ମୃତଦେହ ବଢ଼ିଚାଲିଛି। ମୃତଦେହର ପରିଚୟ ମିଳୁ ନ ଥିବାରୁ କମିସନରେଟ୍ ପୁଲିସ ଲାଗି ଅଡୁଆ ପରିସ୍ଥିତି ସୃଷ୍ଟିକରିଛି। କିଛିବର୍ଷ ହେଲା ସହରରେ ଅଧିକ ଅପରିଚିତ ବ୍ୟକ୍ତିଙ୍କ ମୃତଦେହ ମିଳୁଛି। ବର୍ଷକୁ ପ୍ରାୟ ୨୦ରୁ ୨୫ଟି ଅଜଣା ମୃତଦେହ ମିଳୁଛି। ନିକଟରେ ଭୁବନେଶ୍ୱରରେ ୫ ଅପରିଚିତ ବ୍ୟକ୍ତିଙ୍କ ମୃତଦେହ ମିଳିଛି। ମୈତ୍ରୀବିହାର, ଜିଆର୍‌ପି, କ୍ୟାପିଟାଲ୍, ଚନ୍ଦକା ଓ ସହିଦନଗର ଥାନା ଅଞ୍ଚଳରୁ ଗୋଟିଏ ଲେଖାଏଁ ଅଜଣା ମୃତଦେହ ଠାବ କରାଯାଇଛି। ସେହିଭଳି ଦୁର୍ଘଟଣା ଓ ନଦୀ କିମ୍ବା କେନାଲରୁ ମିଳୁଥିବା ଅନେକ ମୃତଦେହର ପରିଚୟ ମିଳିପାରିନି। ସେଭଳି ଆତ୍ମହତ୍ୟା, ହତ୍ୟା, ଦୁର୍ଘଟଣା କିମ୍ବା ଅସ୍ୱାଭାବିକ ମୃତ୍ୟୁ ହେଲେ ବି ପରିଚୟ ନ ମିଳିବାରୁ ତଦନ୍ତରେ ବାଧା ସୃଷ୍ଟି ହେଉଛି। ଏପରିକି କମିସନରେଟ୍ ପୁଲିସ ତଦନ୍ତ ଅଧାବାଟରେ ଅଟକି ବାଟବଣା ହେଉଥିବା ଅଭିଯୋଗ ହେଉଛି। ପୁଲିସ ପରବର୍ତ୍ତୀ ସମୟରେ ଏକ ଅପମୃତ୍ୟୁ ମାମଲା ରୁଜୁ କାମ ତୁଟାଇ ଦେଉଛି। ସେହିପରି ନିରାଶ୍ରୟ, ମାନସିକ ବିକାରଗ୍ରସ୍ତ ଓ ଅଙ୍ଗ ହରାଇଥିବା ବ୍ୟକ୍ତି ମରିଯାଉଛନ୍ତି। ସେମାନେ ରେଳ ଷ୍ଟେସନ, ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଏବଂ କ୍ୟାପିଟାଲ୍ ହସ୍ପିଟାଲ ଆଦିରେ ନିରାଶ୍ରୟ ହୋଇ ବାସ କରୁଛନ୍ତି। କିଏ ଖାଦ୍ୟ ଅଭାବରୁ ତ ଆଉ କିଏ ବହୁ ରୋଗରେ ପୀଡ଼ିତ ହୋଇ ମରିଯାଉଛନ୍ତି। ଟ୍ରେନ୍‌ରେ କଟିବା, ଖସିପଡ଼ିବା କିମ୍ବା ଆତ୍ମହତ୍ୟା ଘଟଣା ସାମ୍ନାକୁ ଆସୁଛି। ଏଥିରେ ଅଧିକାଂଶଙ୍କ ପରିଚୟ ମିଳିପାରୁନି। ମୃତଦେହଗୁଡ଼ିକ ଖଣ୍ଡ ବିଖଣ୍ଡିତ ହେଉଥିବାରୁ ଚିହ୍ନଟ କରିବା ବିଳମ୍ବ ହୋଇଛି। ଜିଆର୍‌ପିରେ ଅଧିକ ଅପରିଚିତଙ୍କ ପରିଚୟ ମିଳୁ ନ ଥିବା ଅଭିଯୋଗ ହେଉଛି। ତେବେ ଅଜଣା ମୃତଦେହଗୁଡ଼ିକର ପରିଚୟ ଠାବ କରିବା ଲାଗି ସମସ୍ତ ପ୍ରକାରର ପ୍ରୟାସ କରାଯାଉଛି ବୋଲି କମିସନରେଟ୍ ପୁଲିସ ପକ୍ଷରୁ କୁହାଯାଇଛି।





# ଭାଇଚାରାର ସହରରେ ଇଦ୍-ଉଲ୍-ଜୁହା

କଟକ,୧୭।୬(ସମିସ)



ବିଭିନ୍ନ ସ୍ଥାନରେ ସମୂହ ନମାଜ ପାଠ

ଭାଇଚାରାର ସହର କଟକରେ ଆହି ପବିତ୍ର ଇଦ ଉଲ ଜୁହା ପାଳିତ ହୋଇଯାଇଛି। ଏହି ଅବସରରେ ଇଦଗା ପଡିଆ ସମେତ ବିଭିନ୍ନ ମସଜିଦରେ ସମୂହ ନମାଜ ପାଠ ହୋଇଥିଲା। ନମାଜ ପରେ ଇଦ୍-ଉଲ୍ -ଜୁହାର ପ୍ରବଚନରେ ଏକତା, ଅଖଣ୍ଡତା, ଭାଇଚାରା ଓ ବିଶ୍ୱଶାନ୍ତି ପାଇଁ ସାମୁହିକ ପ୍ରାର୍ଥନା କରାଯାଇଥିଲା। ମହିଳାମାନଙ୍କ ପାଇଁ ମଧ୍ୟ ଇଦ୍ ନମାଜ ପାଠର ବ୍ୟବସ୍ଥା କରାଯାଇଥିଲା। ଆଗାମୀ ଦିନରେ ତ୍ୟାଗ, ବଳିଦାନ ଓ ଆତ୍ମ ସମର୍ପଣ କରିବାର ବିଧିବଦ୍ଧ ଭାବେ ସଂକଳ୍ପ କରିଥିଲେ ମୁସଲିମ ଶ୍ରଦ୍ଧାଳୁ। ଏହି ନମାଜରେ ଶତାଧିକ ଅହମଦୀ ମୁସଲମାନମାନେ ଯୋଗଦେଇ ଇଦ୍ ପର୍ବଟିକୁ ବହୁତ ହର୍ଷ ଉଲ୍ଲାସର ସହିତ ପାଳନ କରିଥିଲେ ଓ ପରସ୍ପରକୁ ଇଦ୍‌ର ଅଭିନନ୍ଦନ ଜଣାଇଥିଲେ। ସମସ୍ତଙ୍କ ଘରେ ସୁସ୍ୱାଦୁ ଖାଦ୍ୟ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥିଲା। ସମସ୍ତ ବନ୍ଧୁବାନ୍ଧବଙ୍କୁ ମିଳି ଅତିଥି ସତ୍କାର କରାଯାଇଥିଲା। ଗରିବ, ଦିନ ଦରିଦ୍ରମାନଙ୍କୁ ସଦକା ଖୈରାତ,ଦାନ ଦକ୍ଷିଣା ଦିଆଯାଇଥିଲା। ମଙ୍ଗଳାବାଗସ୍ଥିତ ଅହମଦୀୟା ମୁସଲିମ ମିଶନଠାରେ ସକାଳ ୯ଟା। ସମୟରେ ନମାଜ ଇଦ୍-ଉଲ୍ -ଜୁହା ଜାମା ମସଜିଦ ମୌଲାନା ଫଜଲ ହକ ଖାନ୍ ପାଠ କରାଇଥିଲେ। ଇଦ୍ ପର୍ବ ସମସ୍ତଙ୍କ ଜୀବନରେ ଏକ ନୂତନ ଆଶା ଓ ଚେତନା ନେଇଆସିଥିଲା। ସମସ୍ତ ମୁସଲାମ ଭାଇ ଓ ଭଉଣୀମାନେ ନିୟମିତ ଭାବେ ସତ୍‌କର୍ମ କରିବା, ସୁପଥଗାମୀ ହେବା ପ୍ରତି ଦିନ ଆଲ୍ଲାଙ୍କ ଉପାସନା କରିବା,ମଣିଷ ମଧ୍ୟରେ ଥିବା ପଶୁତ୍ୱକୁ ବଳି ଦେଇ ଭଲ ମଣିଷ ହେବା ତଥା ଦିନ ଦରିଦ୍ରକୁ ଦାନ ଦକ୍ଷିଣା କରିବାର ସଂକଳ୍ପ କରିଥିଲେ।

## ପଶ୍ଚିମବଙ୍ଗ ଟ୍ରେନ ଦୁର୍ଘଟଣା: ଦୁଃଖ ପ୍ରକାଶ କଲେ ନବୀନ

**ଭୁବନେଶ୍ୱର, ୧୭।୬(ସମିସ):** ପଶ୍ଚିମବଙ୍ଗର ନୂଆ ଜଲ୍‌ପାଇଗୁଡ଼ି ଠାରେ ଘଟିଥିବା ଟ୍ରେନ ଦୁର୍ଘଟଣାରେ ପ୍ରାଣ ହରାଇ ଥିବା ବ୍ୟକ୍ତି ମାନଙ୍କ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଏହାସହ ମୃତ ବ୍ୟକ୍ତିଙ୍କ ପରିବାର ବର୍ଗଙ୍କ ପାଇଁ ସମବେଦନା ପ୍ରକାଶ କରିବା ସହ ଆହତ ବ୍ୟକ୍ତିମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି। ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ମଧ୍ୟ ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି।

## ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ହତ୍ୟା

**ପୁରୀ, ୧୭।୬(ସମିସ):** ଚନ୍ଦନପୁର ଥାନା ବାଲିପାଟଣା ଗ୍ରାମର ବାପି ମଲ୍ଲିକଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି। ଏକ ଇଟାରେ ତାଙ୍କ ମୁଣ୍ଡକୁ ଛେଚି ହତ୍ୟା କରିଛନ୍ତି ସେହି ଗାଁର ଯୁବକ ନିଲୁ ରାଉତ। ଏହି ଘଟଣାରେ ପୁଲିସ ଅଭିଯୁକ୍ତ ନିଲୁକୁ ଏକ ନିଶାମୁକ୍ତି କେନ୍ଦ୍ରରୁ ସୋମବାର ରାତିରେ ଗିରଫ କରିଛି। ପୂର୍ବ ଶତ୍ରୁତାକୁ ନେଇ ଏହି ହତ୍ୟାକାଣ୍ଡ ହୋଇଥିବା ପୁଲିସ୍ ସୂଚନା ଦେଇଛି। ଏନେଇ ଥାନାରେ ଏକ ହତ୍ୟା ମାମଲା ରୁଜୁ କରାଯାଇଛି। ମଙ୍ଗଳବାର ନିଲୁକୁ କୋର୍ଟଚାଲାଣ କରାଯିବ ବୋଲି ଥାନା ଆଇଆଇସି ଭୁବନ ମୋହନ ସାମନ୍ତରାୟ କହିଛନ୍ତି।

ଆଇଆଇସି ଶ୍ରୀ ସାମନ୍ତରାୟ କହିଛନ୍ତି, ହତ୍ୟାର ଶିକାର ଯୁବକ ପ୍ରଦୀପ

**ନିଶାମୁକ୍ତି କେନ୍ଦ୍ରରୁ ଅଭିଯୁକ୍ତ ଗିରଫ**

ମଲ୍ଲିକ ଓରଫ୍ ବାପି ଏବଂ ଅଭିଯୁକ୍ତ ନିଲୁ ଦୁଇ ସାଙ୍ଗ। ଦୁଇଦିନ ତଳେ ଉଭୟେ ଭାର୍ଗବୀ ନଦୀକୂଳରେ ବସି ମଦ୍ୟପାନ କରିଥିଲେ। ପୂର୍ବ ଶତ୍ରୁତାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ନିଲୁ ଏକ ଇଟାରେ ବାପିଙ୍କ ମୁଣ୍ଡକୁ ଛେଚି ଦେଇଥିଲେ। ସେହିଠାରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣା ପରଠାରୁ ବାପି ଘରକୁ ନ ଫେରିବାରୁ ତାଙ୍କ ପରିବାର ଖୋଜାଖୋଜି କରିଥିଲେ। ହେଲେ ତାଙ୍କର କୌଣସି ସୂଚନା ପାଇ ନ ଥିଲେ। ଏନେଇ ପରିବାର ପକ୍ଷରୁ ଚନ୍ଦନପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ପୁଲିସ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ସୋମବାର ଭାର୍ଗବୀ ନିକଟ ପାଞ୍ଚବାଟିଆ ପୋଲାଙ୍ଗ ବାଡିରୁ ବାପିଙ୍କ ମୃତଦେହ ମିଳିଥିଲା। ଖୋଳତାଡ଼ ପରେ ପୁଲିସ ଅଭିଯୁକ୍ତ ନିଲୁ ସମ୍ପର୍କରେ ସୁରାକ୍ ପାଇଥିଲା। ସୋମବାର ରାତିରେ ବାଲିଗୁଆଳିସ୍ଥିତ ଏକ ନିଶାମୁକ୍ତି କେନ୍ଦ୍ରରେ ଚଢ଼ଉ କରି ସେଠାରୁ ଅଭିଯୁକ୍ତ ନିଲୁକୁ ଗିରଫ କରାଯାଇଛି ବୋଲି ଆଇଆଇସି ଶ୍ରୀ ସାମନ୍ତରାୟ କହିଛନ୍ତି। ପୂର୍ବ ଶତ୍ରୁତାକୁ ନେଇ ଏହି ହତ୍ୟାକାଣ୍ଡ ହୋଇଛି। ଶବ ଜବତ ପରେ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ବୋଲି କହିଛନ୍ତି ଆଇଆଇସି।

■ ନିଷ୍ଠୁର ଦଇବ

## ଝିଅ ବାହାଘର ଦେଖିପାରିଲେନି ବାପା

**ତୁରୁମୁଙ୍ଗା, ୧୭।୬ (ସମିସ):** ଘରେ ଝିଅ ବାହାଘର ପାଇଁ ଚାଲିଥିଲା ପ୍ରସ୍ତୁତି। ବାହାଘର ପାଇଁ ଛୁଟିରେ ଆସିଥିଲେ ବାପା। ହେଲେ ବାହାଘର ପୂର୍ବରୁ ଆଖି ବୁଜିଦେଲେ ବାପା। ଏଭଳି ଅଭାବନୀୟ ଓ ହୃଦୟ ବିଦାରକ ଘଟଣା ଘଟିଛି କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ମହିଁଷାମୁଣ୍ଡି ଗ୍ରାମରେ। ମୃତକ ହେଲେ, ପାଟଣା ଥାନାର କାର୍ଯ୍ୟରତ କନଷ୍ଟେବଳ ପ୍ରଦୀପ କୁମାର ମହାପାତ୍ର (୫୬)। ଆସନ୍ତା ୨୩ ତାରିଖରେ ତାଙ୍କ ଝିଅର ବାହାଘର ପାଇଁ ସେ ଛୁଟିରେ ଆସି ସମସ୍ତ ପ୍ରକାର ପ୍ରସ୍ତୁତି ଚଳାଉଥିଲେ। ମଙ୍ଗଳବାର ଭୋରରେ ସେ ହଠାତ ଅସୁସ୍ଥ ଅନୁଭବ କରିଥିଲେ। ପରିବାରଲୋକେ ତାଙ୍କୁ ପାଟଣା ମେଡିକାଲରେ ଭର୍ତ୍ତି କରାଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପାଟଣା ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ କରି ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଏଭଳି ଦୁଃଖଦ ଘଟଣାକୁ ନେଇ ସାରା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପାଟଣା ପୁଲିସ୍ ନମ୍ବର ୩୪/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

**ହୃଦ୍‌ଘାତରେ ଚାଲିଗଲା କନଷ୍ଟେବଳଙ୍କ ଜୀବନ**

# ଜେନାପଦା ସଂରକ୍ଷିତ ଜଙ୍ଗଲରୁ ହାତୀର ଶବ ଜବତ

## ବ୍ୟବଚ୍ଛେଦ ପରେ ପୋତାହେଲା ୫ବର୍ଷୀୟ ଦନ୍ତାର ମୃତଦେହ



**ତିଗିରିଆ/ଆଠଗଡ଼, ୧୭।୬(ସମିସ):** ତିଗିରିଆ ବନଖଣ୍ଡ ଅଧୀନ ଶୋରିଷପାଳ ସଂରକ୍ଷିତ ଜଙ୍ଗଲ ଅନ୍ତର୍ଗତ ଜେନାପଦା ଜଙ୍ଗଲରୁ ସୋମବାର ପୂର୍ବାହ୍ନରେ ତିଗିରିଆ ଜଙ୍ଗଲ ବିଭାଗ କର୍ମଚାରୀମାନେ ୪ରୁ ୫ବର୍ଷୀୟ ଏକ ମୃତ ଅଣ୍ଡିରା ହାତୀର ମୃତଦେହ ଜବତ କରିଛନ୍ତି। ବିଭାଗ ପକ୍ଷରୁ ଏହି ହାତୀର ମୃତ୍ୟୁ ସ୍ୱାଭାବିକ ହୋଇଥିବା କୁହାଯାଉଛି। କିନ୍ତୁ ଜେନାପଦା ଜଙ୍ଗଲରେ ହାତୀମାନଙ୍କ ପାଇଁ ଖୋଳାଯାଇଥିବା ପୋଖରୀରେ ଆଦୌ ପାଣି ନଥିବାରୁ ଶୋଷରେ ହାତୀର ମୃତ୍ୟୁ ଘଟିଛି ବୋଲି ସାଧାରଣରେ ଆଲୋଚନା ହେଉଛି। ଆଠଗଡ଼ ବନ ବିଭାଗ ପକ୍ଷରୁ ମଧ୍ୟାହ୍ନରେ ହାତୀର ଶବ ବ୍ୟବଚ୍ଛେଦ କରାଯାଇ ନିକଟସ୍ଥ ଜଙ୍ଗଲରେ ପୋତାଯାଇଛି।

ସୂଚନା ମୁତାବକ, ଆଜି ଭୋର୍‌ରୁ ଶୋରିଷପାଳ ଜଙ୍ଗଲ ନିକଟସ୍ଥ ଜେନାପଦା ଜଙ୍ଗଲରେ ଏକ ଦନ୍ତାହାତୀର ମୃତଦେହ ପଡ଼ିଥିବାର ଦେଖି ସ୍ଥାନୀୟ ଲୋକମାନେ ଏ ସଂକ୍ରାନ୍ତରେ ବନ ବିଭାଗକୁ ଜଣାଇଥିଲେ। ଖବର ପାଇ ଆଠଗଡ଼ ବନପାଳ ଡ. ଯଜ୍ଞଦତ୍ତ ପତି, ତିଗିରିଆ ବନପାଳ ପ୍ରଶାନ୍ତ କୁମାର ପରିଡ଼ା, ଆଞ୍ଚଳିକ ବନ ସଂରକ୍ଷକ ସୁଧାଂଶୁ ଶେଖର ଖୋରା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ମୃତ ହାତୀର ଶବକୁ ଜବତ କରିବା ସହ ବ୍ୟବଚ୍ଛେଦ କରାଇ ନିକଟସ୍ଥ ଜଙ୍ଗଲରେ ପୋତି ଦେଇଛନ୍ତି। ଅନ୍ୟପକ୍ଷରେ ସୋମବାର ସଂଧ୍ୟାରେ ଆଠଗଡ଼ ବନ ବିଭାଗ କାର୍ଯ୍ୟାଳୟ ପରିସରରେ ଏନେଇ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇ ଆଠଗଡ଼ ବନାଞ୍ଚଳରେ କ୍ରମାଗତ ଭାବେ ବୃଦ୍ଧି ପାଉଥିବା ହାତୀ ମୃତ୍ୟୁକୁ ରୋକିବାକୁ ଆଲୋଚନା ହୋଇଥିଲା। କିନ୍ତୁ ଖବର ଲେଖା ହେବା ସୁଦ୍ଧା କୌଣସି ନିର୍ଯାସ ବାହାରି ପାରିନାହିଁ।

## ୪ ବର୍ଷରେ ମଲେଣି ୨୩ ହାତୀ

୨୦୨୦ ମସିହାରୁ ଆଜି ପର୍ଯ୍ୟନ୍ତ ଆଠଗଡ଼ ଅଧୀନରେ ଥିବା ୫ ଗୋଟି ବନାଞ୍ଚଳରେ ମୋଟ ୨୩ଟି ହାତୀ ମୃତ୍ୟୁବରଣ କରିଥିବା ସହ ଗୋଟିଏ ମୃତ ଶାବକ ଜନ୍ମ ହୋଇଛି। ଏକ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ୨୦୨୦ ମସିହାରେ ଆଠଗଡ଼ ବନଖଣ୍ଡରେ ମୋଟ ୪ଟି ହାତୀ ମୃତ୍ୟୁବରଣ କରିଥିଲେ। ସେଥିମଧ୍ୟରୁ ବଡ଼ମ୍ବା ବନାଞ୍ଚଳରେ ଗୋଟିଏ, ଆଠଗଡ଼ ବନାଞ୍ଚଳରେ ଗୋଟିଏ ଓ ଖୁଣ୍ଟୁଣୀ ବନାଞ୍ଚଳରେ ୨ଟି ହାତୀ ପ୍ରାଣ ହରାଇଥିଲେ। ସେହିପରି ୨୦୨୧ ମସିହାରେ ମୋଟ ୫ଟି ହାତୀଙ୍କ ମୃତ୍ୟୁ ହୋଇଥିଲା। ଏଥି ମଧ୍ୟରୁ ନରସିଂହପୁର (ପୂର୍ବ) ରେଞ୍ଜରେ ୨ଟି, ପଶ୍ଚିମ ରେଞ୍ଜରେ ୧ଟି ଓ ଆଠଗଡ଼ ରେଞ୍ଜରେ ୨ଟି ହାତୀଙ୍କ ମୃତ୍ୟୁ ହୋଇଥିଲା। ୨୦୨୨ରେ ଆଠଗଡ଼ ବନଖଣ୍ଡରେ ସର୍ବାଧିକ ହାତୀ ମୃତ୍ୟୁବରଣ କରିଛନ୍ତି। ଏଥିମଧ୍ୟରୁ ନରସିଂହପୁର (ପୂର୍ବ) ରେଞ୍ଜରେ ସର୍ବାଧିକ ୪ଟି ହାତୀ ମୃତ୍ୟୁବରଣ କରିଥିବା ବେଳେ ବଡ଼ମ୍ବା ରେଞ୍ଜରେ ଗୋଟିଏ ହାତୀ ମୃତ୍ୟୁବରଣ କରିଥିଲା ଓ ଆଠଗଡ଼ ରେଞ୍ଜରେ ଗୋଟିଏ ମୃତ ହାତୀ ଶାବକ ଜନ୍ମଲାଭ କରିଥିଲା।

୨୦୨୩ ମସିହାରେ ମୃତ୍ୟୁବରଣ କରିଥିବା ୬ଟି ହାତୀ ମଧ୍ୟରୁ ବଡ଼ମ୍ବାରେ ୩ଟି, ନରସିଂହପୁର (ପଶ୍ଚିମ) ରେଞ୍ଜରେ ୨ଟି ଓ ଆଠଗଡ଼ ରେଞ୍ଜରେ ଗୋଟିଏ ହାତୀ ମୃତ୍ୟୁବରଣ କରିଥିଲେ। ୨୦୨୪ ମସିହାରେ ମେ' ମାସ ପର୍ଯ୍ୟନ୍ତ କୌଣସି ହାତୀ ମୃତ୍ୟୁବରଣ କରି ନଥିବା ବେଳେ ଜୁନ୍ ୧୭ ତାରିଖ ସୋମବାର ଆଠଗଡ଼ ବନାଞ୍ଚଳର ଅନ୍ତର୍ଗତ ଶୋରିଷପାଳ ସଂରକ୍ଷିତ ଜଙ୍ଗଲରେ ଏକ ହାତୀ ମୃତ୍ୟୁବରଣ କରିଛି। ମୃତ୍ୟୁବରଣ କରିଥିବା ପ୍ରାୟ ସମସ୍ତ ହାତୀ ରୋଗାକ୍ରାନ୍ତ। ବୟସାଧିକ କାରଣରୁ ମୃତ୍ୟୁବରଣ କରିଥିବାର ବିଭାଗୀୟ ସୂତ୍ରରୁ ସୂଚନା ମିଳିଛି।

ଏଠାରେ ସୂଚନାଯୋଗ୍ୟ ଯେ ଆଠଗଡ଼ ବନାଞ୍ଚଳ ଅଧୀନରେ ଥିବା ସମୁଦାୟ ୫ଟି ବନାଞ୍ଚଳ ଏବେ ହାତୀମାନଙ୍କ ପାଇଁ ସମ୍ପୂର୍ଣ୍ଣ ଅସୁରକ୍ଷିତ ହୋଇପଡ଼ିଛି। ବିଭିନ୍ନ ସମୟରେ ହାତୀ ଶିକାରୀମାନଙ୍କ ଉପଦ୍ରବ ଫଳରେ ନିରୀହ ହାତୀମାନେ ଶିକାର ହେଉଥିବା ବେଳେ ଜଙ୍ଗଲ ବିଭାଗର ଦାୟିତ୍ୱହୀନତା ତଥା ଜଙ୍ଗଲ ମଧ୍ୟରେ ହାତୀମାନଙ୍କ ପାଇଁ ପ୍ରଚୁର ପାନୀୟ ଜଳର ବ୍ୟବସ୍ଥା ହୋଇପାରିନାହିଁ। ବିଭାଗ ପକ୍ଷରୁ ଲକ୍ଷଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇ ପୋଖରୀମାନ ଖୋଳା ଯାଇଥିଲେ ହେଁ ଏହା କେବଳ କାଗଜପତ୍ରରେ ସୀମିତ। ଉଭୟ ଖାଦ୍ୟ ଓ ପାନୀୟ ଜଳ ନ ପାଇ ବିଭିନ୍ନ ସମୟରେ ହାତୀମାନେ ଜନବସତିମୁହାଁ ହୋଇ କେଉଁଠି ଶିକାରିର ଜାଲରେ ପଡ଼ି ମୃତ୍ୟୁବରଣ କରୁଥିବା ବେଳେ କେତେକାଞ୍ଚଳରେ ଚାଷୀମାନଙ୍କ କ୍ଷେତ ନଷ୍ଟ କରିବାରୁ ଚାଷୀମାନେ ହାତୀ ବିରୋଧୀ ହେବାକୁ ବାଧ୍ୟ ହେଉଛନ୍ତି। ଅନ୍ୟପକ୍ଷରେ ବିଭାଗ ପାଖରେ ପର୍ଯ୍ୟାପ୍ତ ପରିମାଣର କର୍ମଚାରୀ ଅଭାବରୁ ଜଙ୍ଗଲର ଦେଖାଶୁଣା ତଥା ହାତୀଦାନ୍ତ ବ୍ୟବସାୟୀଙ୍କ ଉପରେ ଆଖି ରହିପାରୁ ନ ଥିବାର ଗୁରୁତର ଅଭିଯୋଗ ମଧ୍ୟ ଉଠୁଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ଖାଦ୍ୟ ଅନ୍ୱେଷଣରେ ଆସି ଜୀବନ ହାରିଲା ଦନ୍ତା

**ସମ୍ବଲପୁର, ୧୭।୬(ସମିସ):** ସମ୍ବଲପୁର ବନଖଣ୍ଡ ସଦର ରେଞ୍ଜ ବସିଆପଡ଼ା ଗ୍ରାମକୁ ଖାଦ୍ୟ ଅନ୍ୱେଷଣରେ ଆସି ଏକ ଦନ୍ତା ଜୀବନ ହାରିଛି। ଜଣଙ୍କ ଘର ବାହାରେ ବିଛା ଯାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଦନ୍ତାଟିର ମୃତ୍ୟୁ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ମୃତ ଦନ୍ତାର ବୟସ ୧୭ରୁ ୧୮ ବର୍ଷ ମଧ୍ୟରେ ହେବ ବୋଲି କୁହାଯାଉଛି। ହାତୀଙ୍କ ଗତିବିଧି ନିରୀକ୍ଷଣ କରୁଥିବା ଟ୍ରାକର୍ ଟିମ୍‌ଠାରୁ ଖବର ପାଇ ବନ ବିଭାଗ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଭୁବନେଶ୍ୱରରୁ ସ୍ୱତନ୍ତ୍ର ଟାସ୍କଫୋର୍ସ ଆସି ତଦନ୍ତ କରିଛନ୍ତି। ରାତିରେ ଶବ ବ୍ୟବଚ୍ଛେଦ କରାଯିବା ପରେ ସଂରକ୍ଷିତ ଜଙ୍ଗଲରେ ପୋତି ଦିଆଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ବନ ବିଭାଗ କହିଛି।

**ବିଦ୍ୟୁତ୍ ଆଘାତରେ ମୃତ୍ୟୁ ସନ୍ଦେହ**



ଗତ କିଛି ଦିନ ଧରି ହାତୀଟି ପଡ଼ିଆବାହାଳ, ଧମା, ସଦର ରେଞ୍ଜ ଅଧୀନ ଜଙ୍ଗଲରେ ବୁଲାବୁଲି କରୁଥିଲା। ସନ୍ଧ୍ୟା ହେଲେ ଗାଁମୁହାଁ ହେଉଥିଲା। ଲୋକମାନଙ୍କ ଘରଦ୍ୱାର ଭାଙ୍ଗି ଖାଇବା ଓ ଆସବାବପତ୍ର ନଷ୍ଟ କରି ଦେଉଥିଲା। ଏହି ଦନ୍ତାକୁ ନେଇ ବନ ବିଭାଗ ଓ ଗ୍ରାମବାସୀ ଅନେକଥର ମୁହାଁମୁହିଁ ହୋଇଥିଲେ। ଏହି ହାତୀର ଆତଙ୍କ ଏଭଳି ଥିଲା ଯେ ଅଞ୍ଚଳରେ ତାକୁ ଡନ୍ ନାମରେ ଡାକୁଥିଲେ। ସେ ୮୦ରୁ ଅଧିକ ଘର ଭାଙ୍ଗି ଦେଇଥିବା ବେଳେ ୪ ଜଣଙ୍କୁ ମାରିଦେଇଥିବା ଲୋକମାନେ କହିଛନ୍ତି।

ଅନ୍ୟପଟେ ହାତୀଙ୍କ ଭୟରେ କେହି ମାଟି ତଳେ ତାର ବିଛାଇଥିବା ସନ୍ଦେହ କରାଯାଉଛି। ହାତୀ ଭୟରେ ଲୋକେ ବନ ବିଭାଗକୁ ଭରସା ନ କରି ଘର ଚାରିପାଖରେ ତାର ବିଛାଇ ରଖୁଛନ୍ତି ବୋଲି ମଧ୍ୟ ଆଲୋଚନା ହେଉଛି। ଏହି ଘଟଣାରେ ବନ ବିଭାଗର ବରିଷ୍ଠ ଅଧିକାରୀମାନେ ପହଞ୍ଚି ଅନୁଧ୍ୟାନ କରିଛନ୍ତି।

**ମୁଖ୍ୟମନ୍ତ୍ରୀଙ୍କ କଟକ ଗସ୍ତ**

# କଟକ ସହରର ବିକାଶ ତ୍ୱରାନ୍ୱିତ ହେବ: ମୁଖ୍ୟମନ୍ତ୍ରୀ

**କଟକ, ୧୭।୬(ସମିସ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦାୟିତ୍ୱ ଗ୍ରହଣ କରିବା ପରେ ଆଜି ପ୍ରଥମଥର ପାଇଁ କଟକ ଗସ୍ତ କରି ପୂଜ୍ୟପୂଜାର ଧାରା ଜାରି ରଖିଛନ୍ତି। କଟକର ଓଡ଼ିଆ ବଜାରଠାରେ ନେତାଜୀ ଜନ୍ମ ପୀଠ ପରିଦର୍ଶନ କରି ସେ ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ନେତାଜୀ ମ୍ୟୁଜିୟମ୍ ପରିଦର୍ଶନ କରି ତାଙ୍କ ବାଲ୍ୟକାଳର ବ୍ୟବହୃତ ଆସବାବପତ୍ରଗୁଡ଼ିକ ଦେଖିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ନେତାଜୀଙ୍କ ଜନ୍ମ ସ୍ଥାନକୁ ଆସିବା ମୋ ପାଇଁ ଗର୍ବ ଓ ଗୌରବର କଥା। ଦେଶର ସ୍ୱାଧୀନତାରେ ନେତାଜୀଙ୍କ ଅବଦାନ ଏ ଜାତିକୁ ଯୁଗଯୁଗ ପାଇଁ ପ୍ରେରଣା ଦେଉଥିବ। କଟକର ଯେଉଁ ସବୁ କାମ ଅଧୁରା ରହିଛି ଏବଂ ଯାହାବି ସମସ୍ୟା ରହିଛି ତାହାକୁ ଅନୁଧ୍ୟାନ କରି ଖୁବ୍ ଶୀଘ୍ର ନୂଆ ଯୋଜନା ମାଧ୍ୟମରେ ତାହା ତ୍ୱରାନ୍ୱିତ କରାଯିବ।



ପରେ ମୁଖ୍ୟମନ୍ତ୍ରୀ ବକ୍ସିବଜାରସ୍ଥିତ ସମାଜ ଅଫିସରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେ କହିଥିଲେ, ଗରିବ ଲୋକଙ୍କ ହୃଦୟ ବୁଝିବାରେ ପଣ୍ଡିତ ଗୋପବନ୍ଧୁ ଆମ ସମସ୍ତଙ୍କ ପାଇଁ ଆଦର୍ଶ। ଏହାପରେ ସେ କ୍ୟାଣ୍ଟୋନ୍‌ମେଣ୍ଟ ଛକସ୍ଥିତ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଏବଂ ଓଡ଼ିଆ ଅସ୍ମିତାର ସୁରକ୍ଷା ଦିଗରେ ମଧୁବାବୁଙ୍କ ଅବଦାନ ଅତୁଳନୀୟ। ଶେଷରେ ସେ ଗତିରାଉତ ପାଟଣାଠାରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସଂଘ ଶିକ୍ଷା ବର୍ଗର ସମାରୋପ ଉତ୍ସବରେ ଯୋଗ ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମନ୍ତ୍ରୀ ଓ ବିଧାୟକମାନେ ଯୋଗ ଦେଇଥିଲେ। ଫେରିବା ବାଟରେ ମୁଖ୍ୟମନ୍ତ୍ରୀ ତୁଳସୀପୁର ତଳସାହିଠାରେ ଗାଡ଼ି ଅଟକାଇ ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିବା ସ୍ଥାନୀୟ ବାସିନ୍ଦାଙ୍କ ସୁବିଧା ଅସୁବିଧା ବିଷୟରେ ବୁଝିଥିଲେ। ପରେ ସେ ପୂର୍ବତନ ମନ୍ତ୍ରୀ ସମୀର ଦେଙ୍କୁ ତାଙ୍କ ବାସଭବନରେ ଭେଟିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ଦୁଇ ଉପ ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଏବଂ ଶ୍ରୀମତି ପରିଡ଼ା ମଧ୍ୟ ସମୀର ଦେଙ୍କୁ ଭେଟିଥିଲେ।

- ● ଆର୍‌ଏସ୍‌ଏସ୍ ସଂଘ ଶିକ୍ଷାବର୍ଗର ସମାରୋପ ଉତ୍ସବରେ ଯୋଗଦାନ
- ● ଉତ୍କଳମଣି, ମଧୁବାବୁ ଓ ନେତାଜୀଙ୍କୁ ଶ୍ରଦ୍ଧାଞ୍ଜଳି

■ ଆସୁଛି ସ୍ନାନଯାତ୍ରା, ରଥଯାତ୍ରା

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ସେବାୟତ

**ପୁରୀ, ୧୭।୬(ସମିସ):** ଜୁଲାଇ ୭ ତାରିଖରେ ରଥଯାତ୍ରା। ଏହା ପୂର୍ବରୁ ଆସନ୍ତା ୨୨ ତାରିଖରେ ସ୍ନାନଯାତ୍ରା। ଏହାରି ମଧ୍ୟରେ ବାହୁଡ଼ା, ସୁନାବେଶ, ଅଧରପଣା ଏବଂ ନୀଳାଦ୍ରିବିଜେ ଆଦି ସ୍ୱତନ୍ତ୍ର ପର୍ବପର୍ବାଣି ରହିଛି। ଏହି ସବୁ ଯାନିଯାତ୍ରା ଦେଖିବା ଲାଗି ପୁରୀରେ ପ୍ରାୟ ମାସାଧିକ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବ। ତେଣୁ ମହାପ୍ରଭୁଙ୍କ ନୀତିକାନ୍ତି ଏବଂ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଲାଗି ଆରମ୍ଭ ହୋଇଯାଇଛି ପ୍ରସ୍ତୁତି ପର୍ବ। ଏହି କ୍ରମରେ ସୋମବାର ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଭେଟି ଆଲୋଚନା କରିଛନ୍ତି ସେବାୟତ। ଶ୍ରୀମନ୍ଦିର ପରିଚାଳନା କମିଟିର ସେବାୟତ ପ୍ରତିନିଧି ପ୍ରଥମେ ମୁଖ୍ୟମନ୍ତ୍ରୀ ଏବଂ ଆଇନ ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ମହାପ୍ରଭୁଙ୍କ କାମରେ ସମସ୍ତେ ସମର୍ପିତ ହୋଇ କାମ କରିବାକୁ ମୁଖ୍ୟମନ୍ତ୍ରୀ କହିବା ସହ ସେବାୟତମାନଙ୍କ ସହଯୋଗ ଲୋଡିଥିଲେ। ସମସ୍ତେ ସହଯୋଗ ଲାଗି ସହମତି ପ୍ରକାଶ କରିଥିଲେ। ସେହିପରି ଦଇତାପତି ନିଯୋଗ ପକ୍ଷରୁ ମଧ୍ୟ କିଛି ସେବକ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ। ଯେ ହେତୁ ସ୍ନାନଯାତ୍ରାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ଦଇତାପତିମାନଙ୍କର ବଡ଼ ଭୂମିକା ରହୁଛି ତେଣୁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ସହଯୋଗ ଲାଗି କହିଥିଲେ। ଦଇତାପତିମାନେ ମଧ୍ୟ ପୂର୍ଣ୍ଣ ସହଯୋଗ କରିବେ ବୋଲି ସହମତି ପ୍ରକାଶ କରିଥିବା ସୂଚନା ଦେଇଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ।

**ଜଳସମ୍ପଦ ଅଧିକାରୀଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା**

# ଧାର୍ଯ୍ୟ ସମୟରେ ନିର୍ମାଣାଧୀନ ପ୍ରକଳ୍ପ ଶେଷ ନିର୍ଦ୍ଦେଶ

**ଭୁବନେଶ୍ୱର, ୧୭।୬ (ସମିସ):** ରାଜ୍ୟରେ ଜଳସମ୍ପଦ ବିଭାଗ ଅଧୀନରେ ଜାରି ରହିଥିବା ପ୍ରକଳ୍ପଗୁଡ଼ିକର ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସାର। ସେହିପରି ମୌସୁମୀର ଆଗମନ ବିଳମ୍ବ ହେଉଥିବା ଜଳକୁ ଦକ୍ଷତାର ସହ ପରିଚାଳନା କର। ଆଜି ଜଳସମ୍ପଦ ବିଭାଗର ସମୀକ୍ଷା ବୈଠକ ବେଳେ ବିଭାଗୀୟ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପରୋକ୍ତ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସେହିପରି ଆଗାମୀ ମୌସୁମୀ ସମୟରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ଏବଂ ପରିଚାଳନା କରିବା ପାଇଁ ବିଭାଗକୁ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ରାଜ୍ୟ ଜଳସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଉନ୍ନୟନ କମିଶନର ଅନୁ ଗର୍ଗ ଉପସ୍ଥିତ ଥିଲେ।

ନିଜ ଅଧୀନରେ ଥିବା ବିଭିନ୍ନ ବିଭାଗର କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ଆଜି ମୁଖ୍ୟମନ୍ତ୍ରୀ ସମୀକ୍ଷା କରିଥିଲେ। ଏହି ଅବସରରେ ଗୃହ, ଅର୍ଥ, ଜଳସମ୍ପଦ ସହ ଯୋଜନା ଓ ସଂଯୋଜନ ବିଭାଗର ଅଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ। ନିଜ ନିଜ ବିଭାଗର ସ୍ଥିତି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ବିଭାଗୀୟ ଅଧିକାରୀମାନେ ଅବଗତ କରାଇଛନ୍ତି।

**ସମ୍ଭାବ୍ୟ ବନ୍ୟା ସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ପରାମର୍ଶ**

ନୂଆ ସରକାର ଚାଷୀଙ୍କୁ ଫୋକସ୍ କରୁଥିବାରୁ ଚାଷ ଜମିକୁ ପାଣି ଯୋଗାଇବା ଏବଂ ମୌସୁମୀକୁ ଆଖି ଆଗରେ ରଖି ପ୍ରସ୍ତୁତ ରହିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ବିଭିନ୍ନ ଯୋଜନାରେ ଲୋକେ କିଭଳି ଉପକୃତ ହେବେ ଓ ଭଲ ବଜେଟର ପ୍ଲାନିଂ କରିବା ଉପରେ ଧ୍ୟାନ ଦେବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି। ତୃଣମୂଳସ୍ତରରେ ଲୋକଙ୍କ ନିକଟତର ହେବାକୁ ବିଭାଗୀୟ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହ ବିଭିନ୍ନ ଯୋଜନାଗୁଡ଼ିକୁ ଲୋକାଭିମୁଖୀ କରିବା ସହ ଲୋକଙ୍କ ନିକଟରେ ଶୀଘ୍ର ପହଞ୍ଚାଇବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

# ନୂଆ ପୁଲିସ ଆଇନ୍ ଲାଗୁ ପରେ ବଦଳିବ ସିସିଟିଏନ୍‌ଏସ୍ ରୂପରେଖ

**ଭୁବନେଶ୍ୱର, ୧୭।୬(ସମିସ):** ଜୁଲାଇ ୧ରୁ ସାରା ଦେଶରେ ନୂଆ ପୁଲିସ ଆଇନ୍ ଲାଗୁହେବ। ନୂଆ ଆଇପିସି, ସିଆର୍‌ପିସି ଏବଂ ଏଭିଡେନ୍ସ ଲାଗୁ ହେବ। ପୁରୁଣା ଆଇନ୍‌ରେ ହତ୍ୟା ପାଇଁ ଦଫା ୩୦୨ ଥିବା ବେଳେ ନୂଆ ଆଇନ୍‌ରେ ତାହା ସମ୍ପୂର୍ଣ୍ଣ ଅଲଗା ହୋଇଛି। କେବଳ ହତ୍ୟା ନୁହେଁ; ଏକାଧିକ ଅପରାଧ ପାଇଁ ଥିବା ଦଫା ମଧ୍ୟ ବଦଳି ଯାଇଛି। ତେଣୁ ନୂଆ ଆଇନ୍ ଅନୁସାରେ ଆସନ୍ତା ୧ରୁ ଥାନାରେ ନୂଆ ଆଇନ୍ ଅନୁସାରେ ମାମଲା ରୁଜୁ ହେବ। ଏଥିପାଇଁ ଥାନା ଅଧିକାରୀ ନୂଆ ଆଇନ୍ ସମ୍ପର୍କରେ ପ୍ରଶିକ୍ଷଣ ନେବେ। ଏବେ ନୂଆ ଆଇନ୍ ପାଇଁ 'ସିସିଟିଏନ୍‌ଏସ୍'() ର ରୂପରେଖକୁ ବଦଳା ଯିବ। ଏହାର ସଫ୍ଟୱେୟାରକୁ ଅପ୍‌ଗ୍ରେଡ୍ କରାଯିବ। ପୂର୍ବରୁ ଥାନାରେ ଅଭିଯୋଗ ହେବା ପରେ ଥାନା ଅଧିକାରୀ ଏହାକୁ ତର୍ଜମା କରି ମାମଲା ରୁଜୁ କରନ୍ତି। ପରେ ଏହାକୁ ସିସିଟିଏନ୍‌ଏସ୍'ରେ ଅପ୍‌ଲୋଡ୍ କରାଯାଏ। ଅପ୍‌ଲୋଡ୍ ସମୟରେ ସିସିଟିଏନ୍‌ଏସ୍'ରେ ପୂର୍ବରୁ ଅପ୍‌ଗ୍ରେଡ୍ ଥିବା ଦଫାକୁ ମିଶାଯାଇ ଅପ୍‌ଲୋଡ୍ କରାଯାଇଥାଏ। କିନ୍ତୁ ନୂଆ ଆଇନ୍ ଆସିବା ପରେ ଏହି ଦଫା ସବୁ ବଦଳି ଯାଇଛି। ତେଣୁ ସିସିଟିଏନ୍‌ଏସ୍‌ରେ ନୂଆ ସଫ୍ଟୱେୟାର ନବୀକରଣ କରାଯିବ। ଏଥିରେ ପୁରୁଣା ଆଇନ୍ ରଖାଯିବା ସହ ନୂଆ ଆଇନ୍ ମଧ୍ୟ ସାମିଲ ହେବ। କାରଣ ତଦନ୍ତ ଅଧିକାରୀ ଚାର୍ଜସିଟ୍ ଦେବା ସମୟରେ ପୁରୁଣା ମାମଲାରେ ଲଗାଯାଇଥିବା ପୁରୁଣା ଆଇନର ଦଫା ଆବଶ୍ୟକ ପଡ଼ିବ। ତେଣୁ ପୁଲିସର ଆବଶ୍ୟକତା ଥିବାରୁ ସିସିଟିଏନ୍‌ଏସ୍'ରେ ପୁରୁଣା ଦଫା ରହିବ। ସିସିଟିଏନ୍‌ଏସ୍'ରେ ଏଭଳି ଅପ୍‌ଗ୍ରେଡ୍‌ସନ୍ କରିବା ପାଇଁ ଜ୍ଞାନକୌଶଳର ସହାୟତା ନେଇଛି ଓଡ଼ିଶା ପୁଲିସ। କିଭଳି ଏହାକୁ ନବୀକରଣ କରାଯିବ, ଏଥିରେ ଆଉ କ'ଣ ସୁବିଧା ଯୋଡ଼ାଯିବ, ସେନେଇ ମଧ୍ୟ ଆଲୋଚନା କରାଯାଉଛି। ଆସନ୍ତା ସପ୍ତାହରେ ପୁଲିସ କର୍ମଚାରୀଙ୍କୁ ଏ ସମ୍ପର୍କରେ ତାଲିମ ଦିଆଯିବ। ପ୍ରତି ଥାନାରେ ସିସିଟିଏନ୍‌ଏସ୍ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ମଧ୍ୟ ଏ ସମ୍ପର୍କରେ ଅନ୍‌ଲାଇନ୍ ଏବଂ ଅଫ୍‌ଲାଇନ୍‌ରେ ତାଲିମ ଦିଆଯିବ।

- ■ ସିସିଟିଏନ୍‌ଏସ୍ କର୍ମଚାରୀଙ୍କୁ ଦିଆଯିବ ତାଲିମ
- ■ ସଂଯୋଗ ହେବ ପୁରୁଣା ଦଫା ସହ ନୂଆ ଦଫା

ଏନେଇ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଅରୁଣ ଷଡ଼ଙ୍ଗୀ କହିଛନ୍ତି, ନୂଆ ଆଇନ୍ ପାଇଁ ସିସିଟିଏନ୍‌ଏସ୍‌ରେ ଅପ୍‌ଗ୍ରେଡ୍‌ସନ୍ କରାଯାଉଛି। ଖୁବ୍‌ଶୀଘ୍ର ପୁଲିସ କର୍ମଚାରୀଙ୍କୁ ଟ୍ରେନିଂ ଦିଆଯିବ। କିଭଳି ଦଫା ଲଗାଯିବ, ତାହାର କୌଶଳ ଶିକ୍ଷା ଦିଆଯିବ ବୋଲି ଡିଜିପି ସୂଚନା ଦେଇଛନ୍ତି।

ତେବେ ସବୁଠୁ ବଡ଼ କଥା ହେଲା, ଏବେବି ଅନେକ ଥାନାରେ 'ସିସିଟିଏନ୍‌ଏସ୍'ରେ ଅଭିଯୋଗ ଅପ୍‌ଲୋଡ୍ କରାଯାଉ ନାହିଁ। ଯେଉଁଥିପାଇଁ ଅଭିଯୋଗକାରୀ, ଆଇନଜୀବୀ, ପୀଡ଼ିତା ହଇରାଣ ହେଉଛନ୍ତି। ସିସିଟିଏନ୍‌ଏସ୍‌ରେ ଅପ୍‌ଲୋଡ୍ କରାଯାଉ ନ ଥିବାରୁ ସେମାନେ ଏହାକୁ ଡାଉନ୍‌ଲୋଡ୍ କରି ପାରୁନାହାନ୍ତି। ଅନେକ ଥାନାରେ ସିସିଟିଏନ୍‌ଏସ୍‌ରେ ଅପ୍‌ଲୋଡ୍ କରାଯାଉଥିଲେ ମଧ୍ୟ ସେନ୍‌ସେଟିଭ୍ କରାଯାଉଛି। ଯାହାଫଳରେ ସାଧାରଣ ଲୋକ ଏହାକୁ ଡାଉନ୍‌ଲୋଡ୍ କରିପାରୁ ନାହାନ୍ତି।

**ଆଇନ ମନ୍ତ୍ରୀଙ୍କ ସମୀକ୍ଷା**

# ଶୃଙ୍ଖଳିତ ରଥଯାତ୍ରା ପାଇଁ ସହଯୋଗ ଲୋଡ଼ିଲେ

**ପୁରୀ,୧୭।୬(ସମିସ):** ୨୨ତାରିଖରେ ସ୍ନାନଯାତ୍ରା ପରେ ପରେ ରଥଯାତ୍ରା, ବାହୁଡା, ସୁନାବେଶ, ଅଧରପଣା ଏବଂ ନୀଳାଦ୍ରିବିଜେ ରହିଛି। ପ୍ରାୟ ମାସେ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ବିଭିନ୍ନ ଯାନିଯାତ୍ରା ପାଇଁ ଶ୍ରୀକ୍ଷେତ୍ରରେ ଲକ୍ଷଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହେବ। ତେଣୁ ଏହି ସବୁ ପର୍ବପର୍ବାଣି ଏବଂ ଯାନିଯାତ୍ରା ଯେପରି ସୁରୁଖୁରୁରେ ସମ୍ପନ୍ନ ହେବ ଏବଂ ଭକ୍ତମାନେ ଶୃଙ୍ଖଳିତ ଭାବେ ଦର୍ଶନ କରି ଭଲ ଅନୁଭୂତି ନେଇ ଫେରିବେ,ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆଜି ତାହାର ସମୀକ୍ଷା କରିଛନ୍ତି।

ସୋମବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ପ୍ରଶାସକ ବୀରବିକ୍ରମ ଯାଦବ, ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ପିନାକ ମିଶ୍ରଙ୍କ ସମେତ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ବୈଠକ ପରେ ଆଇନ ମନ୍ତ୍ରୀ କହିଥିଲେ ଯେ ଏ ବର୍ଷ ରଥଯାତ୍ରା ବିରଳ। ୧୯୭୧ ମସିହା ପରେ ଏଥର ରଥଯାତ୍ରା ପାଇଁ ସେଭଳି ତିଥି ପଡ଼ିଛି। ଚଳିତବର୍ଷ ୧୩ ଦିନିଆ ଅଣସର ପଡ଼ିଥିବାରୁ ନୀତିକାନ୍ତି କିପରି ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇ ରଥ ଟଣାଯିବ, ତା' ଉପରେ ବିଶେଷ ଭାବେ ଆଲୋଚନା ହୋଇଛି।

୧୯୭୧ ମସିହାରେ ହୋଇଥିବା ରଥଯାତ୍ରାର ନୀତି ନିର୍ଘଣ୍ଟକୁ ସମୀକ୍ଷା କରାଯାଇଥିବା ବେଳେ ଚଳିତ ରଥଯାତ୍ରା ସେହି ଅନୁସାରେ କରାଯିବ। ଏଥର ନୀତିକାନ୍ତି ଶୀଘ୍ର କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ତେବେ ଏଥର ରଥଯାତ୍ରା ନିଶ୍ଚିତ ଏକ ଚ୍ୟାଲେଞ୍ଜ ରହିବ। କିନ୍ତୁ ଏଥିପାଇଁ ଯୋଜନା ପ୍ରସ୍ତୁତ ହେଉଛି। ବିନା ଦ୍ୱିଧାରେ ଠିକ୍ ସମୟରେ ରଥଯାତ୍ରା ନୀତି ସମ୍ପନ୍ନ ଉପରେ ଗୁରୁତ୍ୱ ଦେଉଛନ୍ତି ରାଜ୍ୟ ସରକାର। ସମସ୍ତଙ୍କ ସହଯୋଗରେ ରଥଯାତ୍ରା ଶୃଙ୍ଖଳିତ କରିବାକୁ ପଡ଼ିବ। ରଥାରୂଢ଼ ଠାକୁରଙ୍କ ଶୃଙ୍ଖଳିତ ଦର୍ଶନ କରିବେ ଭକ୍ତ। ସ୍ନାନପୂର୍ଣ୍ଣିମା ଓ ରଥଯାତ୍ରା ପାଇଁ ସ୍ୱତନ୍ତ୍ର ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ହୋଇଛି। ମୁଖ୍ୟମନ୍ତ୍ରୀ ଆଜି ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି। ପରିଚାଳନା କମିଟିରେ ଥିବା ସେବାୟତ ପ୍ରତିନିଧି ଏବଂ ଦଇତାପତି ନିଯୋଗ ସହ ମଧ୍ୟ ଆଲୋଚନା କରିଛନ୍ତି। ଆସନ୍ତା ୧୯ ତାରିଖରେ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ସୁରୁଖୁରୁରେ ହେଉ; ଏହା ହିଁ ଆମ ସମସ୍ତଙ୍କର ଲକ୍ଷ୍ୟ। ମହାପ୍ରଭୁଙ୍କ ଆଶୀର୍ବାଦରେ ରଥଯାତ୍ରା ଶୃଙ୍ଖଳିତ ହେବ ବୋଲି ବିଶ୍ୱାସ ରହିଛି। ତେବେ ବୈଠକରେ କାହାର କ'ଣ ଭୂମିକା ରହିବ, ସେନେଇ ଆଲୋଚନା ହୋଇଛି। ମହାପ୍ରଭୁଙ୍କ ରଥଯାତ୍ରା ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ସମସ୍ତଙ୍କର ଦାୟିତ୍ୱ ବୋଲି କହି ସହଯୋଗ ଲୋଡ଼ିଥିଲେ ଆଇନ ମନ୍ତ୍ରୀ।

- ■ ଚଳିତବର୍ଷର ରଥଯାତ୍ରା ବିରଳ
- ■ ୧୯୭୧ ମସିହା ଅନୁସାରେ ହେବ ନୀତିକାନ୍ତି
- ■ ରଥଯାତ୍ରା ପରେ ଭକ୍ତଙ୍କ ଦର୍ଶନ, ନୀତିକାନ୍ତିକୁ ଶୃଙ୍ଖଳିତ କରାଯିବ



ସେହିପରି ଶ୍ରୀମନ୍ଦିରରେ ଦର୍ଶନ ବିଶୃଙ୍ଖଳର ସମ୍ପର୍କରେ ଆଇନମନ୍ତ୍ରୀ କହିଥିଲେ ଯେ ପ୍ରଥମେ ସ୍ନାନଯାତ୍ରା ଏବଂ ରଥଯାତ୍ରା କିପରି ସୁରୁଖୁରରେ ସମ୍ପନ୍ନ ହେବ, ତାହା ଉପରେ ଲକ୍ଷ୍ୟ ରହିଛି। ରଥଯାତ୍ରା ସରିବା ପରେ ଭକ୍ତଙ୍କ ଦର୍ଶନ ଓ ମହାପ୍ରଭୁଙ୍କ ନୀତିକାନ୍ତକୁ ପ୍ରାଥମିକତା ଦିଆଯିବ। ଦୁଇ ତିନି ମାସ ମଧ୍ୟରେ ଏନେଇ ଏକ ଖସଡ଼ା ପ୍ରସ୍ତୁତ କରାଯିବ। ମନ୍ଦିରରେ ଶୃଙ୍ଖଳିତ ଦର୍ଶନ ପାଇଁ ଯାହା ଦରକାର ସେହି ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

## ବିଭିନ୍ନ ସ୍ଥାନରେ ଗଣପର୍ବ ‘ରଜ’ ମହୋତ୍ସବ ସମ୍ପନ୍ନ

# ଓଡ଼ିଆ ସଂସ୍କୃତି ଓ ପରମ୍ପରା ସମୃଦ୍ଧ, ସୁରକ୍ଷିତ

## ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ରଜ ମହୋତ୍ସବ

**ସାଲେପୁର, ୧୭ ।୬(ସମିସ)**



ସାଲେପୁର ଅଞ୍ଚଳର ବିଭିନ୍ନ ସ୍ଥାନରେ ୩ ଦିନ ବ୍ୟାପୀ ରଜ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଶେଷ ଦିନରେ ବିଭିନ୍ନ କମିଟି ପକ୍ଷରୁ ଅଞ୍ଚଳର ବିଶିଷ୍ଟ ଅତିଥି ଓ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ସହ ପିଠା, ମ୍ୟୁଜିକ୍ ଚେୟାର ନୃତ୍ୟ ଆଦି ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସାଲେପୁର ବ୍ଲକ ପିକୋଲ ପଞ୍ଚାୟତର ପିକୋଲ ରଜ ମହୋତ୍ସବ କମିଟି ପକ୍ଷରୁ ପିଠା, ମ୍ୟୁଜିକ ଚେୟାର, ନୃତ୍ୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନ ଉତ୍ସବରେ ଚଳଚ୍ଚିତ୍ର ଅଭିନେତା ତଥା ବିଜେପି ନେତା ଅରିନ୍ଦମ ରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଚଳିତ ବର୍ଷ ସର୍ବଭାରତୀୟ ସ୍ତରରେ ହୋଇଥିବା ମଡେଲିଂ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଦେବାଂଶୀ ଦେବଶ୍ରିତା ଓ ଯାତ୍ରା ଜଗତର ହାସ୍ୟ ଅଭିନେତା ଭିକାରୀ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିରୂପେ ବିଜେପି ନେତା ହିମାଂଶୁ ମହାନ୍ତି, ପିକୋଲ ପଞ୍ଚାୟତ ସମିତିସଭ୍ୟା ପ୍ରତିନିଧି ହେମନ୍ତ ସ୍ୱାଇଁ ଯୋଗଦେଇଥିଲେ। ୩ଦିନ ଧରି ଏହି ରଜ ମହୋତ୍ସବକୁ ମହେଶ୍ୱର ବେହେରା, ଅମିୟ ରଞ୍ଜନ ବିଶ୍ୱାଳ, ଜଗନ୍ନାଥ ବେହେରା, ରାକେଶ ବେହେରା, ଦେବାଶିଷ ବେହେରା, ଅଜୟ ବାରିକ, ଦେବାଶିଷ ପାତ୍ର, ପଙ୍କଜ ବେହେରା, ଓମ୍‌ପ୍ରକାଶ ବେହେରା, ଲାଲମୋହନ ସିଂ, ବୀରକିଶୋର ପାତ୍ର, କମିଟି କର୍ମକର୍ତ୍ତା ଓ ଗ୍ରାମବାସୀ ପରିଚାଳନା କରିଥିଲେ। ସେହିପରି ରୋଧପୁର ଗ୍ରାମରେ ରଜ ମହୋତ୍ସବ ପାଳିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ୩ଦିନ ଧରି ଅନୁଷ୍ଠିତ ଏହି ରଜ ମହୋତ୍ସବର ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଲିସାହି ସମିତିସଭ୍ୟା ଗୌତମୀ ମଲ୍ଲିକ, ବିନୋଦ ମଲ୍ଲିକଙ୍କ ସମେତ ଗ୍ରାମର ବହୁ ଯୁବତୀ ଓ ଯୁବକ ଓ ଗ୍ରାମବାସୀମାନେ ଉପସ୍ଥିତ ରହିଥିଲେ। ସେହିପରି ଭାତପଡ଼ା ବିକାଶ ପରିଷଦ ପକ୍ଷରୁ ୩ଦିନ ବ୍ୟାପୀ ରଜ ମହୋତ୍ସବ ମହାଆଡମ୍ବରରେ ଯଶୋବନ୍ତ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଗ୍ରାମର ଯୁବକ, ଯୁବତୀ ଓ ମହିଳାଙ୍କ ଦ୍ୱାରା ବିଭିନ୍ନ ପ୍ରକାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିବସରେ ବିଜେପି ନେତା ତଥା ଚଳଚ୍ଚିତ୍ର ଅଭିନେତା ଅରିନ୍ଦମ ରାୟ ମୁଖ୍ୟଅତିଥି ରୂପେ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ଏଭଳି ଆଡମ୍ବରପୂର୍ଣ୍ଣ ରଜ ଉତ୍ସବ ପାଳନ କରାଯାଉଥିବାରୁ କର୍ମକର୍ତ୍ତାଙ୍କୁ କୃତଜ୍ଞତା ଜଣାଇଥିଲେ। ସେହିପରି ଉଦ୍‌ଯାପନୀ ଉତ୍ସବରେ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି ରୂପେ ଯୋଗଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ବିଶ୍ୱପ୍ରକାଶ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଶିଶିର ନାୟକ ଓ ସରପଞ୍ଚ ଜ୍ଞାନରଞ୍ଜନ ପଟ୍ଟନାୟକ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସୀତାଂଶୁ ରାଉତ, ମନୋରଞ୍ଜନ ମୁଦୁଲି, ନିରୋଦ ଷଡ଼ଙ୍ଗୀ, ରାମକୃଷ୍ଣ ପଟ୍ଟନାୟକ, ଅଜିତ୍ ରାଉତ, ମାୟାଧର ଦାସ, ବିବେକାନନ୍ଦ ଭୋଇ, ବିମ୍ବାଧର ଭୋଇ, ଜଗନ୍ନାଥ ଭୋଇ, ମନୋଜ ସାହୁଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଓ ଗ୍ରାମବାସୀମାନେ ଉପସ୍ଥିତ ରହି ଏହି କାର୍ଯ୍ୟକୁ ପରିଚାଳନା କରିଥିଲେ।

## ପଲ୍ଲୀ ପ୍ରତିଭା ସାହିତ୍ୟ ଓ ସଂସ୍କୃତି ସଂସଦର ରଜ ଆସର




**କଟକ, ୧୭।୬(ସମିସ):** ସାରସ୍ୱତ ଅନୁଷ୍ଠାନ ‘ପଲ୍ଲୀ ପ୍ରତିଭା ସାହିତ୍ୟ ଓ ସଂସ୍କୃତି ସଂସଦର’ କବିତା, ଗଳ୍ପ ଆସର ଏବଂ ରଜ ଉପଲକ୍ଷେ ବନ୍ଧୁମିଳନ ରବିବାର ସଭାପତି ଚୈତନ୍ୟ ରାଉତଙ୍କ ଅଧ୍ୟକ୍ଷତାରେ ଗତିରାଉତପାଟଣା ସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଉଦଘାଟକ ଭାବରେ ଡ. ସନ୍ତୋଷ କୁମାର ପଣ୍ଡା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଅରୁଣ କୁମାର ଅଗ୍ରୱାଲ, ଛବିରାମ ସେଠୀ, ମୁଖ୍ୟଅତିଥି ଭାବରେ କୈଳାସ ଚନ୍ଦ୍ର ଜେନା ଏବଂ ମୁଖ୍ୟବକ୍ତା ଭାବରେ ସୁବାସ ଚନ୍ଦ୍ର ବିଶ୍ୱାଳ ଯୋଗଦେଇ ଆଧୁନିକତା କବଳରେ ରଜପର୍ବର ଗୁରୁତ୍ୱ କମିଯିବା ସହିତ ପରିବେଶ ପ୍ରଦୂଷଣ, ଉଦ୍ଭିଦହାନୀ ଯୋଗୁ ରଜ ଦୋଳି ଏବେ ସାତ ସପନ ବୋଲି ବ୍ୟାଖ୍ୟା କରିଥିଲେ। ଆସରରେ ରଜ କବିତା, ପିତୃ ଦିବସ ଉପଲକ୍ଷେ କବିତା ଏବଂ ଚମତ୍କାର ଶିକ୍ଷଣୀୟ ଗଳ୍ପମାନ ପଠନ କରାଯାଇଥିଲା। ଶିଶୁ ପ୍ରତିଭାଙ୍କୁ ନେଇ ଗଠିତ ଏହି ପଲ୍ଲୀ ପ୍ରତିଭା ସାହିତ୍ୟ ଏବଂ ସଂସ୍କୃତି ସଂସଦ ପିଲାଙ୍କୁ ସାରସ୍ୱତ ଯାତ୍ରା କ୍ଷେତ୍ରରେ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଅନୁଷ୍ଠାନର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। କବି ମନୋରଞ୍ଜନ ପଣ୍ଡା ଏବଂ କବୟିତ୍ରୀ ନମିତା ମହାନ୍ତିଙ୍କ ସଂଯୋଜନାରେ କବି ସଚ୍ଚିଦାନନ୍ଦ କର, ପତିତପାବନ ଜେନା, ଖଗେଶ୍ୱର ମହାରଣା, ଭାଗ୍ୟଲକ୍ଷ୍ମୀ ନାୟକ, ରଶ୍ମିତା ନାୟକ, ସରୋଜ କୁମାର ରାଉତ, ବ୍ୟଙ୍ଗ କବି ପ୍ରତାପ ଚନ୍ଦ୍ର ବେହେରା, ନିରୂପମା ସାହୁ, ଅଭୟ ପାତ୍ର, ରୋହିତ ପ୍ରଧାନ, ବ୍ରଜବନ୍ଧୁ ପୃଷ୍ଟି, ପ୍ରଜ୍ଞା ପାରମିତା ପ୍ରଧାନ, ପ୍ରିୟଦର୍ଶିନୀ ପଣ୍ଡା, ଅଶୋକ ବିଶ୍ୱାଳ, ଅଶୋକ ରଥ, ବିଧୁଭୂଷଣ ମହାନ୍ତି, ଶର୍ମିଷ୍ଠା ପତି, ଅଭିପ୍ସା ପ୍ରିୟଦର୍ଶିନୀ ପ୍ରମୁଖ ପଚାଶରୁ ଊର୍ଦ୍ଧ୍ୱ କବି ସ୍ୱରଚିତ୍ତ କବିତା ଏବଂ ଗଳ୍ପ ପଠନ କରିଥିଲେ। ଅନୁଷ୍ଠାନର ସମ୍ପାଦିକା କବୟିତ୍ରୀ ଗୀତାଞ୍ଜଳି ପୃଷ୍ଟି ସମ୍ପାଦକୀୟ ବିବରାଣୀ ପାଠ କରିବା ସହିତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ କବିଶ୍ରୀ ସୁରେନ୍ଦ୍ର ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

## ପୋପରଡ଼ା ପ୍ରସିଦ୍ଧ ରଜୋତ୍ସବ ଓ ସମ୍ବର୍ଦ୍ଧନା ସଭା



**କଟକ, ୧୭ ।୬(ସମିସ):** କଟକ ସହର ଉପକଣ୍ଠ ପୋପରଡା ପ୍ରସିଦ୍ଧ ରଜୋତ୍ସବ ଅବସରରେ ପଞ୍ଚଦିବସୀୟ ବାଦିପାଲା ମହୋତ୍ସବ ଶେଷ ରଜ ଭୂମିଦହନ ପାଳିତ ହୋଇଯାଇଛି। ଏହି ଅବସରରେ ପାଲାଗାୟକ ବାଚସ୍ପତି ବନବିହାରୀ ଗ୍ରହାଚାର୍ଯ୍ୟ କାଠଯୋଡ଼ି ସାହିତ୍ୟ ସଂସଦ ତରଫରୁ ସମ୍ମାନିତ କରାଯାଇଥିଲା। କାଠଯୋଡ଼ି ସାହିତ୍ୟ ସଂସଦ କାର୍ଯ୍ୟକାରୀ ସଭାପତି ପ୍ରମୋଦ ପ୍ରଧାନ ସଂଗଠନ ସମ୍ପାଦିକା ଅଧ୍ୟାପିକା ବିଷ୍ଣୁପ୍ରିୟା ସାହୁ, ଦୁର୍ଯ୍ୟୋଧନ ବେହେରା, ଗଦାଧର ପ୍ରଧାନ, ରବି ରାଉତରାୟ, ପ୍ରମୋଦ ସାହୁ ଆଦି କର୍ମକର୍ତ୍ତା ସହ ଗ୍ରାମ ଅଧିକାରୀ ଦେବେନ୍ଦ୍ର ସ୍ୱାଇଁ ଉପସ୍ଥିତ ଥିଲାବେଳେ ସମ୍ପାଦକ ବାବାଜୀ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶ୍ରୀଅନନ୍ତ ଶମ୍ଭୁପୀଠରେ ରଜ ମହୋତ୍ସବ ଶେଷ



**ମାହାଙ୍ଗା, ୧୭।୬(ସମିସ):** ଓଡ଼ିଶାର ବିଭିନ୍ନ ପର୍ବପର୍ବାଣୀ ମଧ୍ୟରୁ ରଜପର୍ବ ଅନ୍ୟତମ। ଏହି ପର୍ବଟି ବେଶ ଧୁମଧାମରେ ପାଳିତ ହୋଇଯାଇଛି କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଉଖୁମା ଗ୍ରାମର ମାଳିକା ବର୍ଣ୍ଣିତ ଗୋବରୀ ନଦୀକୂଳରେ ଥିବା ଶ୍ରୀ ଶ୍ରୀ ଅନନ୍ତ ଶମ୍ଭୁପୀଠରେ। ଅର୍ଜୁନୀ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ରଜ ମହୋତ୍ସବର ଶେଷ ସନ୍ଧ୍ୟାରେ କୁନି କୁନି ପିଲାଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତାମୂଳକ କାର୍ଯ୍ୟକ୍ରମ ଯଥା ନୃତ୍ୟ, ଗୀତ, ପୁଚି, ଦୌଡ଼ିଡିଆଁ, ଅନ୍ଧମାଠିଆ, ଚିତ୍ରାଙ୍କନ, କୁଇଜ୍ ଭଳି ପ୍ରତିଯୋଗିତା ଆୟୋଜିତ କରି ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ସନ୍ତୋଷ ଭୂୟାଁ, ସୁକାନ୍ତ ବେହୁରା, ଉତ୍ସବ ଚରଣ ସାହୁ, ସୁବାସ ସାହୁ, ଆଇନଜୀବୀ ପ୍ରଦୀପ୍ତ ସେଠୀ ପ୍ରମୁଖ ଅତିଥିଭାବେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

## ତୃତୀୟ ବାର୍ଷିକ ରଜ ମହୋତ୍ସବ ଉଦ୍‌ଯାପିତ



**ଟାଙ୍ଗୀ, ୧୭ ।୬(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ଅନ୍ତର୍ଗତ ହରିଅନ୍ତା ପଞ୍ଚାୟତ ସର୍ଦ୍ଦୋଲାସ୍ଥିତ ମିନି ଷ୍ଟାଡିୟମ ଉନ୍ନୟନ ପରିଷଦ ଆନୁକୂଲ୍ୟରେ ଷ୍ଟାଡିୟମ ପରିସରରେ ତୃତୀୟ ବାର୍ଷିକ ରଜ ମହୋତ୍ସବ ରବିବାର ଉଦଯାପିତ ହୋଇଯାଇଛି। ପରିଷଦର ସଭାପତି ଗୋଲଖ ବିହାରୀ ମହାନ୍ତି ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା, ସମ୍ମାନୀତ ଅତିଥି ଭାବେ ପଞ୍ଚାୟତ ସମିତି ଉପାଧକ୍ଷା ସୁପ୍ରିୟା ଜେଠୀ, ଜିଲ୍ଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ସାମଲ, ବ୍ଲକ ବିଜେଡି ସଭାପତି ଧିରେନ୍ଦ୍ର କୁମାର ଜେଠୀ, ପଞ୍ଚାୟତ ବିଜେଡି ସଭାପତି ନରେନ୍ଦ୍ର ରାଉତରାୟ, ପୂର୍ବତନ ସରପଞ୍ଚ ଗନ୍ଧର୍ବ ସାହୁ ଓ ଦୟାନିଧି ସାହୁ ପ୍ରମୁଖ ଯୋଗଦାନ କରି ବଡ଼ ଆଡମ୍ବର ଭାବେ ମିନି ଷ୍ଟାଡିୟମରେ ଉନ୍ନୟନ ପରିଷଦ ତିନିଦିନିଆ ରଜମହୋତ୍ସବ ଆୟଜନ କରିଥିବାରୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପ୍ରମାଣପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ସୁନାମଧନ୍ୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରିଷଦର ସମ୍ପାଦକ ବିଜୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସରିଲା ହରିରାଜପୁର ରଜ ମହୋତ୍ସବ

**ନିଶ୍ଚିନ୍ତକୋଇଲି, ୧୭।୬(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ବନ୍ଧକାଟିଆ ପଞ୍ଚାୟତ ହରିରାଜପୁର ଗ୍ରାମର ଫ୍ରେଣ୍ଡସ କ୍ଲବ ଆନୁକୂଲ୍ୟରେ ୧୪ତମ ବାର୍ଷିକ ରଜ ମହୋତ୍ସବ ନୀଳକଣ୍ଠ ମହାଦେବ ମନ୍ଦିର ପ୍ରାଙ୍ଗଣରେ ତିନି ଦିନ ଧରି ଧୂମଧାମରେ ପାଳିତ ହୋଇ ରବିବାର ଉଦ୍‌ଯାପିତ ହୋଇଛି।



ଆଖପାଖ ଅଞ୍ଚଳର ବହୁ ପିଲାଙ୍କ ମଧ୍ୟରେ ଝୋଟି, ଦୌଡ଼ି ଡ଼ିଆଁ, ଲୁଡୁ, ସଂଗୀତ, ଚୌକି, କୁଇଜ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଛି। ଚଳିତବର୍ଷ ସର୍ବଶ୍ରେଷ୍ଠ ପ୍ରତିଯୋଗୀ ଭାବେ ସୋନାଲି ବେହୁରାଙ୍କୁ ରଜ କୁଇନ୍ ୨୦୨୪ ରୂପେ ବିବେଚିତ କରାଯାଇ ଟ୍ରଫି ପ୍ରଦାନ କରାଯାଇଛି। କ୍ଲବ ପକ୍ଷରୁ ଦିପ୍ତୀରଞ୍ଜନ ତ୍ରିପାଠୀଙ୍କ ପୌରୋହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ଉଚ୍ଚନ୍ୟାୟାଳୟର ଆଇନଜୀବୀ ହୃଷିକେଶ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ବସନ୍ତ ବେହେରା, ସରପଞ୍ଚ ପ୍ରଦିପ୍ତ ପରିଡ଼ା, ସମିତିସଭ୍ୟ ବୈକୁଣ୍ଠନାଥ ଶତପଥୀ, ସୂର୍ଯ୍ୟକାନ୍ତ କର ଓ ଦିଲ୍ଲୀପ ତ୍ରିପାଠୀ ପ୍ରମୁଖ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। କ୍ଲବ ପକ୍ଷରୁ ରବିନାରାୟଣ ପଣ୍ଡା, ସନ୍ତୋଷ ଓଝା, ରାଜେଶ ଦଳାଇ, ସରୋଜ ଓଝା, ସନ୍ତୋଷ ବାରିକଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ରଜ ମହୋତ୍ସବରେ ସାମିଲ ହେଲେ ଅନାଥ ପିଲା



**ଟାଙ୍ଗୀ, ୧୭ ।୬(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ ବିଶ୍ୱାଳିସ୍ଥିତ କପିଳାସ ସିମେଣ୍ଟ କମ୍ପାନୀ ପରିସରରେ ରଜ ମହୋତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ୟୁନିଟ ହେଡ ଭବେଶ ୱାଲା, ସମ୍ମାନିତ ଅତିଥି ଭାବେ ସଙ୍ଗୀନ ଲେଡିସ କ୍ଲବର ମୁଖ୍ୟ ଲୀନା ୱାଲା, ମାନବ ସମ୍ବଳ ମୁଖ୍ୟ ଡ. ଦିଲ୍ଲୀପ ପାଣିଗ୍ରାହୀ, ଟେକ୍ନିକାଲ ମୁଖ୍ୟ ଜଗଦୀଶ ବରାଳ, ନେସନ ଅନୁଷ୍ଠାନର ସଭାପତି ପ୍ରଦ୍ୟୁମ୍ନ ପାତ୍ର ଓ ସିଏସଆର ମୁଖ୍ୟ କବିତା ସାହୁ ପ୍ରମୁଖ ଯୋଗଦାନ କରି ରଜମହୋତ୍ସବର ମହତ୍ୱ ଓ ଅନାଥ ପିଲାଙ୍କ ଉତ୍ସାହ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ପଚାଶ ଜଣ ଅନାଥ ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯିବା ସହ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କମ୍ପାନୀର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ରଜ ଉତ୍ସବ କବିତା ପାଠ ଓ ବନ୍ଧୁମିଳନ

**ନିଶ୍ଚିନ୍ତକୋଇଲି, ୧୭।୬(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ନଟକାଇ ଗ୍ରାମର ଜାଗୁଲାଇ ରଜ ପରିବାର ପକ୍ଷରୁ ରଜ ମଉଜ ମହୋତ୍ସବ ପାଳନ ଅବସରରେ ଏକ କବିତା ପାଠ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପରିବାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ ବଟକୃଷ୍ଣ ବେହେରା ଓ ଯୁବ ସଂଗଠକ ପ୍ରବୀର ରାଉତ




ଉଦଘାଟନ କରିଥିଲେ। ଯୁବ କବି କ୍ଷୀରୋଦ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଶିଖର କବି ଶ୍ରୀଧର ଶେଖର ମହାପାତ୍ର, ସାରସ୍ୱତ ସାଧକ ଶାରଦା ପ୍ରସାଦ ମିଶ୍ର, କବି ପ୍ରଫୁଲ୍ଲ ସିଂ, ସାହିତ୍ୟିକ ପ୍ରଫୁଲ୍ଲ ସାହୁ, ଶିଶୁ ସାହିତ୍ୟିକ ଶ୍ୟାମସୁନ୍ଦର ଲେଙ୍କା, କବି କୈଳାସ ଚନ୍ଦ୍ର ସାହୁ, ପ୍ରଶିକ୍ଷକ ବୈଦ୍ୟନାଥ ମହନ୍ତ, ସାହିତ୍ୟିକ କୁଳମଣୀ ସାହୁ, ଶିକ୍ଷୟିତ୍ରୀ ଗୀତାଞ୍ଜଳି ନାୟକ ପ୍ରମୁଖ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ପ୍ରାରମ୍ଭରେ ପରିବାରର ସମ୍ପାଦକ ପ୍ରମୋଦ କୁମାର ନାୟକଙ୍କ ସଂଯୋଜନାରେ ଉପସ୍ଥିତ ଅତିଥିମାନେ ରଜ ମହୋତ୍ସବ ପାଳନରେ ଓଡ଼ିଆ, ସଂସ୍କୃତି ଓ ପରମ୍ପରା କିପରି ରୁଦ୍ଧିମନ୍ତ ହେଉଛି ସେ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ୱାର୍ଡ଼ ସଭ୍ୟ ଭକ୍ତବନ୍ଧୁ ପଣ୍ଡାଙ୍କ ସମେତ ରଜ ପରିବାରର ସଦସ୍ୟ ଓ ଗ୍ରାମବାସୀ ପରିଚାଳନା କରିଥିଲା ବେଳେ କୈଳାସଚନ୍ଦ୍ର ରଣା ଧନ୍ୟବାଦ ଅର୍ପଣ କରିଥିଲେ।

## କିଶନନଗରରେ ରଜ ମହୋତ୍ସବ ଉଦ୍‌ଯାପିତ




**କିଶନନଗର, ୧୭।୬(ସମିସ):** କିଶନନଗର ହାଟ ପଡ଼ିଆରେ ୪ଦିନ ବ୍ୟାପି ଆୟୋଜିତ ରଜ ମହୋତ୍ସବ ରବିବାର ଉଦଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ, ବିଜେପି ରାଜ୍ୟ ଉପସଭାପତି ଗୋଲଖ ମହାପାତ୍ର, ଜିଲ୍ଲା ଉପସଭାପତି ରାମନାରାୟଣ ମହାନ୍ତି, ବିଶିଷ୍ଟ ହୃଦରୋଗ ବିଶେଷଜ୍ଞ ଡ଼ା ପିସି ରଥ, ସରପଞ୍ଚ ସୁଜାତା ସେଠୀ, ସୌରଭ ସୁମନ ଦାସ ଅତିଥିଭାବେ ଯୋଗଦେଇଥିଲେ। ରଘୁନାଥ ଚୌଧୁରୀ ମଞ୍ଚ ସଞ୍ଚାଳନ କରିଥିଲେ। ପ୍ରଜ୍ଞା ଓ ସତ୍ୟଜିତଙ୍କ ଚିତ୍ତାକର୍ଷକ ସଙ୍ଗୀତ ପରିବେଷଣ କରିବା ସହିତ ବିଭିନ୍ନ ଅଞ୍ଚଳରୁ ଆସିଥିବା ସୁନାମଧନ୍ୟ କଳାକାରମାନେ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। ହଜାର ହଜାର ଦର୍ଶକ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ।

## ରଜ ମହୋତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା

**କଣ୍ଟାପଡ଼ା, ୧୭।୬(ସମିସ):** ସାଇଲୋ ବଡବିଲସ୍ଥିତ ଗୋପବନ୍ଧୁ ବିଦ୍ୟା ମନ୍ଦିରର ପୁରାତନ ଛାତ୍ର ସଂସଦ ତରଫରୁ ୩ ଦିନିଆ ରଜ ମହୋତ୍ସବ ଉଦଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ଇନକମ ଟ୍ୟାକ୍ସର ପୂର୍ବତନ କମିଶନର ଆର୍ତ୍ତବନ୍ଧୁ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେତାମାନଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆର୍ତ୍ତ ଭଞ୍ଜନ ମହାନ୍ତି ସମ୍ମାନିତ ଅତିଥି, କାର୍ତ୍ତିକ ଚନ୍ଦ୍ର ବେହେରା, ପୁରାତନ ଛାତ୍ର ସଂସଦର ସଭାପତି କାଳନ୍ଦୀ ଚରଣ ବେହେରା ଓ କାର୍ଯ୍ୟକାରୀ ସଭାପତି ପ୍ରିୟନାଥ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲା ବେଳେ ସଂସଦର ସମ୍ପାଦକ ସଞ୍ଜୟ କୁମାର ରାଉତରାୟ ସଭା ପରିଚାଳନା କରିଥିଲେ। କଣ୍ଟାପଡ଼ା ବ୍ଲକ ମାଟ୍ରିକ୍ ଟପ୍ପର ସନ୍ତୋଷିନୀ ପ୍ରଧାନଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ସାର୍ଟିଫିକେଟ୍ ଓ ଅର୍ଥ ରାଶି ଦେଇ ପୁରସ୍କୃତ କରାଯାଇଥିଲା। ଗୋପବନ୍ଧୁ ନୋଡାଲ ହାଇସ୍କୁଲର ମାଟ୍ରିକ ଟପ୍ପର, ନବମ ଶ୍ରେଣୀ ଓ ଅଷ୍ଟମ ଶ୍ରେଣୀ ଟପ୍ପରଙ୍କୁ ମଧ୍ୟ ଅନୁରୂପ ଭାବରେ ପୁରସ୍କୃତ କରାଯାଇଥିଲା। ପୋଡପିଠା, ପୁଚି, ହୁଳହୁଳି, କୁଇଜ, ମୁରୁଜ, ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ମଧ୍ୟ ଟ୍ରଫି ଓ ବିଭିନ୍ନ ଆକର୍ଷଣୀୟ ପୁରସ୍କାରରେ ପୁରସ୍କୃତ କରାଯାଇଥିଲା। ଉଲ୍ଲେଖନୀୟ ସମାଜସେବା ପାଇଁ ସେଭନ ଷ୍ଟାର ପ୍ରାଇଭେଟ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଅବନୀ କୁମାର ବେହେରାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ପୋଡପିଠାରେ ସୂର୍ଯ୍ୟସ୍ମିତା ସ୍ୱାଇଁ ପ୍ରଥମ, ପୁଚି ବରିଷ୍ଠ ବିଭାଗରେ ଫିଜା ରାଉତରାୟ,




ପୁଚି କନିଷ୍ଠ ବିଭାଗରେ ଦେବସ୍ମିତା ଭୋଇ, ଝୋଟିରେ ସୌଭାଗ୍ୟ ରଞ୍ଜନ ଦାଶ, ପାରମ୍ପରିକ ନୃତ୍ୟ ପ୍ରତିଯୋଗିତାର କନିଷ୍ଠ ବିଭାଗରେ ଆଦ୍ୟାଶା ମହାପାତ୍ର ପ୍ରଥମ, ବରିଷ୍ଠ ପାରମ୍ପରିକ ନୃତ୍ୟରେ ବିଦୁସ୍ମିତା ମଲ୍ଲିକ ପ୍ରଥମ, ଆଧୁନିକ କନିଷ୍ଠ ବିଭାଗର ନୃତ୍ୟରେ ସ୍ୱର୍ଣ୍ଣଶ୍ରୀ ଦାସ ପ୍ରଥମ, ଆଧୁନିକ ବରିଷ୍ଠ ବିଭାଗ ନୃତ୍ୟରେ ସୁପ୍ରିୟା ଆଚାର୍ଯ୍ୟ ପ୍ରଥମ, ହୁଳହୁଳି ପ୍ରତିଯୋଗିତାରେ ମମତା ଜେନା ପ୍ରଥମ, କୁଇଜ ପ୍ରତିଯୋଗିତାରେ ଲକ୍ଷ୍ମୀପ୍ରିୟା ଓଝା ପ୍ରଥମ ଓ ସଙ୍ଗୀତ ବିଭାଗରେ ଓମ ରାଉତରାୟ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଶିକ୍ଷକ ରିତା ରାଉତରାୟ, କିଶୋର ପାତ୍ର, ବିରେନ ଆଚାର୍ଯ୍ୟ, ବାବାଜୀ ଚରଣ ବେହେରା, ଶ୍ରଦ୍ଧାନନ୍ଦ ଦାଶ, ପୁଷ୍ପାଳୀ ଆଚାର୍ଯ୍ୟ, ପୁଷ୍ପାଞ୍ଜଳି ନନ୍ଦ, ଜଜ ଶିବ ପ୍ରସାଦ ଦାସ, ଦିଲ୍ଲୀପ କୁମାର ଦାସ, ସୋନାଲୀ ଷଡଙ୍ଗୀ, ବିନତି ଜେନା, ସନ୍ତୋଷ ବାରିକ, ଶୈଳବାଳା ଆଚାର୍ଯ୍ୟ, ନୃତ୍ୟଗୁରୁ ପ୍ରଶାନ୍ତି ଭୋଳ, ସାମ୍ବାଦିକ ପ୍ରକାଶ ନନ୍ଦ, ରଘୁନାଥ ଅଚାର୍ଯ୍ୟ ଓ ଉପସ୍ଥାପକ ପରମେଶ୍ୱର ଦାସ ଓ ଦୀପକ ଆଚାର୍ଯ୍ୟଙ୍କୁ ମଧ୍ୟ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା।

## ଗୋପୀନାଥପୁରରେ ଆଞ୍ଚଳିକ ରଜ ମହୋତ୍ସବ

**ସାଲେପୁର, ୧୭ ।୬(ସମିସ):** ସାଲେପୁର ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ପଞ୍ଚାୟତର ହରିଡ଼ା ପଡ଼ିଆ ଠାରେ ରୋଟ୍ରାକ୍ଟ କ୍ଲବ୍ ଅଫ୍ ବିରୂପା ଓ ବିଜୟାନନ୍ଦ ଯୁବ ପରିଷଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ୬ଷ୍ଠ ଆଞ୍ଚଳିକ ରଜ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଆଞ୍ଚଳିକ ରଜ ମହୋତ୍ସବ କମିଟିର ସଭାପତି ଜ୍ୟୋତିର୍ମୟୀ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ଯୋଗଦେଇ ଏହି କୃଷିଭିତ୍ତିକ ଗଣପର୍ବ ରଜ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବରେ ପ୍ରାକ୍ତନ ମହିଳା କମିଶନ ଅଧ୍ୟକ୍ଷା ଲୋପାମୁଦ୍ରା ମହାନ୍ତି, ସମ୍ମାନିତ ବକ୍ତା ପ୍ରାକ୍ତନ ଆରକ୍ଷୀ ଅଧୀକ୍ଷକ ଝାରସୁଗୁଡ଼ା ବିକାଶ ଚନ୍ଦ୍ର ଦାଶ ଅନ୍ୟତମ ଅତିଥି ଭାବରେ ରୋଟାରୀ ଜିଲ୍ଲା ୩୨୬୨ର ପ୍ରାକ୍ତନ ପ୍ରାନ୍ତପାଳ ଅଶୋକ ବିହାରୀ ମହାପାତ୍ର, ଗୋପୀନାଥପୁର ଗ୍ରାମପଞ୍ଚାୟତର ସରପଞ୍ଚ ଦମୟନ୍ତୀ ମହାନ୍ତି, ସମିତିସଭ୍ୟ ହୃଷିକେଶ କାନୁନ୍‌ଗୋ, ରୋଟାରୀ କ୍ଲବ୍ ଅଫ୍ କଟକର ପ୍ରାକ୍ତନ ସଭାପତି ସୁବାସିନୀ ଲେଙ୍କା, ଧୀରେନ୍ଦ୍ର ବିଶ୍ୱାଳ, ସୁଜିତାଭ ଶତପଥି, ବିନ୍ଦୁ କୁମାର ଦାସ, ସମ୍ପାଦକ ଅକ୍ଷୟ କୁମାର ସାହୁ, ସଭାପତି ୨୦୨୫-୨୬ ସୁଜାତା ପ୍ରିୟଦର୍ଶିନୀ, କୋଷାଧ୍ୟକ୍ଷ ଦୁର୍ଯ୍ୟୋଧନ ସାହୁ, ସଭ୍ୟ ସତ୍ୟ ନାରାୟଣ ମିଶ୍ର, ପାଗାର ସହକାରୀ ଫାଣ୍ଡି ଅଧିକାରୀ ରମେଶ ଚନ୍ଦ୍ର ଦାସ,




କସ୍ତୁରବା ଗାନ୍ଧୀ ସ୍ମାରକୀ ଟ୍ରଷ୍ଟର ପ୍ରତିନିଧି ସନ୍ଧ୍ୟାରାଣୀ ମଲ୍ଲିକ ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। ଏହି ଅବସରରେ ଦୁଇଦିନ ଧରି ଚାଲିଥିବା କିଶୋରୀ ଓ ମହିଳାମାନଙ୍କ ମଧ୍ୟରେ ହୋଇଥିବା ପୁଚି, କୁଙ୍କୁମ ଲଗା, ଅଳତା ଲଗା, ନୃତ୍ୟ, ମ୍ୟୁଜିକ୍ ଚେୟାର, ହୁଳହୁଳି, ଶଙ୍ଖ ଫୁଙ୍କା, ରାମ୍ପ ସୋ, ଓଡ଼ିଆ ବୋହୂ ବେଶ, ପାନଭଙ୍ଗା ଇତ୍ୟାଦି ପ୍ରତିଯୋଗିତାରେ ବିଜେତା ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରମାଣ ପତ୍ର ଓ ଉପଢ଼ୌକନ ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଚାରକ ଭାବରେ ମେଜର ମଞ୍ଜୁଶ୍ରୀ ପତି, ପୁଷ୍ପାଞ୍ଜଳି ପଣ୍ଡା, କଲ୍ୟାଣୀ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଜୟାନନ୍ଦ ଯୁବ ପରିଷଦର ସମ୍ପାଦକ ବିଶ୍ୱରଞ୍ଜନ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସମାଜସେବି ସ୍ୱାଗତିକା ଆଚାର୍ଯ୍ୟ, ସମାଜସେବି ତସନୀମ୍ ଦଡ଼ିଆ, ସାମ୍ବାଦିକା ତଥା ସମ୍ବାଦ ପାଠିକା ରାଜଶ୍ରୀ ସାହୁ, ରଜକୁଇନ୍ ୨୦୨୩ର ବିଜେତା ସାନିଆ ଖାତୁନ, ମଡ଼େଲର ଦେବାଂଶୀ ଦେବସ୍ମିତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ରଜ ମହୋତ୍ସବର ସଂପାଦିକା ଚଞ୍ଚଳା ବେଉରା, ଆବାହକ ଦେବଜାନୀ ଜେନା, ସଂଘମିତ୍ରା ରାଉତ, ରତ୍ନମଣି ଶତପଥୀ, ମାମିନା ଜେନା, କବିତା ବିଶ୍ୱାଳ, ପ୍ରିୟଦର୍ଶିନୀ ପ୍ରଧାନ, ଦୀପ୍ତିମୟୀ ମହାନ୍ତି, ରାଜଶ୍ରୀ ମହାନ୍ତି, କଳ୍ପନା ଓଝା, ରୋଜାଲିନ ସ୍ୱାଇଁ, ରୋଟ୍ରାକ୍ଟ କ୍ଲବ୍ ଅଫ୍ ବିରୂପାର ସଭାପତି ପ୍ରଶାନ୍ତ କୁମାର ମହାନ୍ତି, ସମ୍ପାଦିକା ସୀମା ଲେଙ୍କା, ମନୋରଞ୍ଜନ ସାହୁ, ରଞ୍ଜନ ବେହୁରା, ସୁନିତା ସାମଲ, ମୋନାଲିସା ସ୍ୱାଇଁ, ଚନ୍ଦ୍ରଶେଖର ମହାନ୍ତି, ବିଶ୍ୱରଞ୍ଜନ ନାଥ, ଶୁଭମ ଶେଖର ପରିଡ଼ା, ଅମାତ୍ୟ ସାମଲ, ନରେନ୍ଦ୍ର ଦଳେଇ, ପ୍ରକାଶ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶିକ୍ଷା ବିଭାଗର ନିର୍ଦ୍ଦେଶକୁ ମାନିଲେନି ବହୁ ଶିକ୍ଷକ

**ଅଭିଭାବକ ମହଲରେ ଅସନ୍ତୋଷ**

**ନିଶ୍ଚିନ୍ତକୋଇଲି,୧୭।୬(ସମିସ)**

ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧିନସ୍ଥ ବହୁ ବିଦ୍ୟାଳୟରେ ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ଶିକ୍ଷା ବିଭାଗର ନିର୍ଦ୍ଦେଶକୁ ଖୋଲାଖୋଲି ଉଲ୍ଲଙ୍ଘନ କରୁଛନ୍ତି। ମଣ୍ଡଳ ଶିକ୍ଷାଧିକାରୀ ଉକ୍ତ ଘଟଣା ସମ୍ପର୍କରେ ଜାଣି ମଧ୍ୟ ଚୁପଚାପ୍ ରହିବା ଘଟଣା ସାଧାରଣରେ ପ୍ରଶ୍ନ ଉଠିଛି। ସୋମବାର ବହୁ ସରକାରୀ ଉଚ୍ଚ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ପ୍ରାଥମିକ ବିଦ୍ୟାଳୟକୁ ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ଆସି ନ ଥିବାରୁ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଚଳିତ ବର୍ଷ ଗ୍ରୀଷ୍ମ ଛୁଟି ଜୁନ୍ ୧୭ ତାରିଖ ପର୍ଯ୍ୟନ୍ତ ହୋଇଥିଲା। ବିଦ୍ୟାଳୟ ଖୋଲିବା ପୂର୍ବଦିନ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସ୍କୁଲକୁ ଆସି ଏହାର ପାରିପାର୍ଶ୍ୱିକ ଅବସ୍ଥା, ଶ୍ରେଣୀଗୃହ ପରିଷ୍କାର ପରିଚ୍ଛନ୍ନ, ମଧ୍ୟାହ୍ନ ଭୋଜନ ରୋଷଶାଳ ପରିଷ୍କାର ପରିଚ୍ଛନ୍ନ, ପରିସ୍ରାଗାର ଓ ପାଇଖାନା ସଫେଇ କାର୍ଯ୍ୟକ୍ରମ, ବିଦ୍ୟାଳୟରେ ବିଦ୍ୟୁତୀକରଣ ତଦାରଖ କାର୍ଯ୍ୟକ୍ରମ ଓ ମଧ୍ୟାହ୍ନ ଭୋଜନ ସାମଗ୍ରୀ ସଠିକ୍ ଅଛି କି ନାହିଁ ଇତ୍ୟାଦି ଠିକ୍ଠାକ୍ କରିବେ ବୋଲି ଜିଲ୍ଲା ଶିକ୍ଷା ବିଭାଗ ଅଧିକାରୀଙ୍କ କାର୍ଯ୍ୟାଳୟରୁ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଦିଆଯାଇଥିଲା। ହେଲେ ସୋମବାର ଦିନ ୫୦ଭାଗ ବିଦ୍ୟାଳୟରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଦେଖିବାକୁ ମିଳିଥିଲା ବେଳେ ଅନେକ ବିଦ୍ୟାଳୟରେ ଜଣେ ଦୁଇ ଜଣ ଲେଖାଏଁ ଶିକ୍ଷକ ଆସିଥିବା ଏବଂ ବହୁ ବିଦ୍ୟାଳୟ ଆଦୌ ଖୋଲା ହୋଇ ନ ଥିବା ଦେଖାଯାଇଥିଲା। ଦୀର୍ଘ ଏକ ମାସରୁ ଉର୍ଦ୍ଧ୍ୱ ହେବ ବିଦ୍ୟାଳୟ ବନ୍ଦ ରହିଥିଲା ବେଳେ ଏହାର ପରିସର ଅଳିଆ ଆବର୍ଜନାପୂର୍ଣ୍ଣ ହୋଇଯାଇଥିବାରୁ ବିଦ୍ୟାଳୟ ଖୋଲିଲେ ପିଲାଙ୍କ ପାଠପଢାରେ ସମସ୍ୟା ଉପୁଜିବାକୁ ନେଇ ଉକ୍ତ ବିଭାଗ ପକ୍ଷରୁ ଏଭଳି ନିର୍ଦ୍ଦେଶାନାମା ଜାରୀ ହୋଇଥିଲା ବେଳେ ବହୁ ଶିକ୍ଷକ ଏହି ନିର୍ଦ୍ଦେଶାନାମକୁ ଫୁ କରିଦେଇଥିବା ଜଣାଯାଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବା ପାଇଁ ଅଭିଭାବକ ମହଲରେ ଦାବି ହୋଇଛି। ମଣ୍ଡଳ ଶିକ୍ଷାଧିକାରୀ ଲକ୍ଷେହୀରା ଲାବଣ୍ୟବତୀ ବେହେରାଙ୍କୁ ଏ ସଂକ୍ରାନ୍ତରେ ପଚାରିବାରୁ ତାଙ୍କ ପାଖରେ ସେଭଳି କିଛି ଅଭିଯୋଗ ହୋଇନାହିଁ, ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ପ୍ରକାଶ କରିଥିଲେ।

# ପିଲାଙ୍କୁ ଦେଇଥିବା କଥା ରଖିଲେ ରାହୁଲ ଗାନ୍ଧୀ



**କଟକ,୧୭।୬(ସମିସ):** ଛୋଟ ପିଲାଙ୍କୁ କଥା ଦେଇ କଥା ରଖିଲେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ। ଗତ ଅପ୍ରେଲ ୨୮ ତାରିଖରେ ସାଲେପୁର କୁଳିଆଠାରେ ଏକ ନିର୍ବାଚନୀ ପ୍ରଚାର ସାଧାରଣ ସଭାରେ ଯୋଗଦେବାକୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଆସିଥିବା ବେଳେ ପ୍ରଥମେ ପାଗା ସତ୍ୟଭାମାପୁରଠାରେ ଥିବା ଓଡ଼ିଆ ଜାତିର ମଉଡମଣୀ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜନ୍ମସ୍ଥାନ ପରିଦର୍ଶନ କରି ମଧୁବାବୁଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ମଧୁବାବୁଙ୍କ ଜନ୍ମସ୍ଥାନ ପ୍ରାଙ୍ଗଣରେ ଥିବା ଶିଶୁ ଆଶ୍ରମର ଅନ୍ତେବାସୀ ପିଲାଙ୍କ ଗହଣରେ କିଛି ମୁହୂର୍ତ୍ତ ବିତେଇଥିଲେ ରାହୁଲ ଗାନ୍ଧୀ। ଏହି ଅବସରରେ ପିଲାମାନଙ୍କୁ ତୁମର କଣ ଦରକାର ବୋଲି ପଚାରିଥିଲେ? ପିଲାମାନେ କହିଥିଲେ ଆମେ ପାଠ ପଢିବା ସହିତ କରାଟେ ଶିଖୁଛୁ, ଆମକୁ କରାଟେ ଡ୍ରେସ ଦରକାର। ପିଲାଙ୍କ କଥା ଶୁଣି ନିଶ୍ଚୟ କରାଟେ ଡ୍ରେସ ପ୍ରଦାନ କରିବେ ବୋଲି କଥା ଦେଇଥିଲେ ରାହୁଲ। ନିର୍ବାଚନ ବ୍ୟସ୍ତତା ମଧ୍ୟରେ ଏହି କଥାକୁ ପ୍ରାୟ ସମସ୍ତେ ଭୁଲି ଯାଇଥିଲେ ହେଁ ଭୁଲି ନ ଥିଲେ କଂଗ୍ରେସ ନେତା ରାହୁଲ ଗାନ୍ଧୀ। ଆଉ ସେ ସମୟରେ ରାହୁଲଙ୍କ କାର୍ଯ୍ୟକ୍ରମ ଦାୟିତ୍ୱରେ ଥିବା ପିସିସିର ସମ୍ପାଦକ ସାନ୍ତାୟନ ମିଶ୍ରଙ୍କୁ ହଠାତ ରାହୁଲଙ୍କ କାର୍ଯ୍ୟାଳୟରୁ ଫୋନ ଆସିଥିଲା କି ପିଲାଙ୍କ ଡ୍ରେସ ପଠେଇ ଦିଆଯାଇଛି। ସେଗୁଡିକୁ ପିଲାଙ୍କ ମଧ୍ୟରେ ବଣ୍ଟନ କରିଦିଅ। ଏହି ପରିପ୍ରେକ୍ଷୀରେ ମଧୁବାବୁଙ୍କ ଜନ୍ମସ୍ଥାନ ପ୍ରାଙ୍ଗଣରେ ଥିବା ସଭାଗୃହରେ ଶିଶୁ ଆଶ୍ରମର ପିଲାମାନଙ୍କ ମଧ୍ୟରେ ରାହୁଲ ଗାନ୍ଧୀଙ୍କ ପ୍ରତିନିଧି ଭାବରେ ପିସିସି ସମ୍ପାଦକ ସାନ୍ତାୟନ ମିଶ୍ର ଯୋଗଦେଇ ପୋଷାକ ବଣ୍ଟନ ସହ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶିଶୁ ଆଶ୍ରମର ସମ୍ପାଦକ ସନ୍ଧ୍ୟାରାଣୀ ମଲ୍ଲିକ, କାର୍ଯ୍ୟକର୍ତ୍ତା ଶୁଭଶ୍ରୀ ସଂଗୀତା ବଳ, କରାଟେ ଶିକ୍ଷକ ମହମ୍ମଦ ରହେମ୍ମତଙ୍କ ସମେତ କଟକ ଜିଲ୍ଲା କଂଗ୍ରେସ ଉପସଭାପତି ମନୋଜ ବିଶ୍ୱାଳ, କଂଗ୍ରେସ ମୁଖପାତ୍ର ମାନସ ପରିଡା, ଫେଲୁ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଛୋଟିଆ କଥାଟିଏ ହେଲେ ମଧ୍ୟ କଥାଦେଇ କଥା ରଖିଥିବାରୁ ଉପହାର ପାଇଁ ପିଲାମାନେ ଖୁସି ହେବା ସହ ରାହୁଲ ଗାନ୍ଧୀଙ୍କୁ ଧନ୍ୟବାଦ ଜଣାଇଥିଲେ।

# ଗଞ୍ଜେଇ ଚୋରା ଚାଲାଣକାରୀକୁ ୧୦ ବର୍ଷ ଜେଲ୍

**ଆଠଗଡ଼,୧୭।୬(ସମିସ):** ବେଆଇନ ଗଞ୍ଜେଇ ଚାଲାଣକାରୀ ଅଭିଯୁକ୍ତକୁ ଆଠଗଡ଼ ସ୍ୱତନ୍ତ୍ର ବିଚାରପତି ୧୦ ବର୍ଷ ଜେଲ ଦଣ୍ଡାଦେଶ ସହ ୧ଲକ୍ଷ ଟଙ୍କା ଜରିମାନା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୧ ବର୍ଷ ଜେଲ ଦଣ୍ଡାଦେଶ ଭୋଗିବାକୁ ପଡ଼ିବ ବୋଲି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

ସୂଚନା ଅନୁଯାୟୀ, ଗତ ୨୦୨୨ ମସିହା ଜୁଲାଇ ୨୨ରେ ଆଠଗଡ଼ ଅବକାରୀ ବିଭାଗ କର୍ମଚାରୀମାନେ ୫୫ନଂ ଜାତୀୟ ରାଜପଥରେ ପାଟ୍ରୋଲିଂ କରୁଥିବା ସମୟରେ ଦେବଗଡ ଜିଲ୍ଲା ତୁଙ୍ଗମାଳ ଗ୍ରାମର ଉମ୍ବୁରୁଧର ଦାସ ଏକ ବୋଲେରୋ ଗାଡ଼ିରେ ୬୩ କେଜି ଗଞ୍ଜେଇ ନେଇ ଯାଉଥିବା ସମ୍ପର୍କରେ କର୍ମଚାରୀମାନେ ଖବର ପାଇଥିଲେ। ଅବକାରୀ ନିରୀକ୍ଷକ ସଞ୍ଜିତ୍ ବାର୍ଲା ସଦଳବଳେ ବାଳି ଗ୍ରାମର ବଉଳ ଛକ ଠାରେ ସଂପୃକ୍ତ ବୋଲେରୋ ଗାଡ଼ିକୁ ଜବତ କରିବା ସହ ଅଭିଯୁକ୍ତ ଉମ୍ବୁରୁଧର ଓ ଗଞ୍ଜେଇକୁ ଜବତ କରିଥିଲେ। ଜବତ ସାମଗ୍ରୀ ସହ ଅଭିଯୁକ୍ତକୁ ଆଠଗଡ଼ ଅତିରିକ୍ତ ଜିଲ୍ଲା ଦୌରାଜଜ ତଥା ସ୍ୱତନ୍ତ୍ର ବିଚାରପତିଙ୍କ ସମ୍ମୁଖରେ ହାଜର କରାଯାଇଥିଲା। ମାମଲାଟି ଅଦାଲତରେ ସ୍ପେଶାଲ କେସ ନଂ ୫/୨୨ ବିଚାର ହେଉଥିଲା। ଅଭିଯୁକ୍ତ ସେବେଠାରୁ ବିଚାରାଧୀନ ବନ୍ଦୀ ଭାବେ ଜେଲରେ ରହିଥିବା ବେଳେ ସମସ୍ତ ସାକ୍ଷ୍ୟ ପ୍ରମାଣ ପରେ ଅତିରିକ୍ତ ଜିଲ୍ଲା ଦୌରାଜଜ ତଥା ସ୍ୱତନ୍ତ୍ର ବିଚାରପତି ପ୍ରଦୀପ୍ତ କୁମାର ସାହୁ ଅଭିଯୁକ୍ତ ଉମ୍ବୁରୁଧରକୁ ଦୋଷୀ ସାବ୍ୟସ୍ତ କରି ସୋମବାର ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ପିକେ ରାଉତ ମାମଲା ପରିଚାଳନା କରୁଥିଲେ।

# ମହିଳାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ ଧମକ; ଥାନାରେ ଅଭିଯୋଗ

**ସାଲେପୁର,୧୭।୬(ସମିସ):** ଚେନ୍ନାଇରେ ନିଜ ସ୍ୱାମୀ ପାଖରେ ରହୁଥିବା ମହିଳାଙ୍କ ସହ ହୋଇଥିବା ଏକ ଗଣଦୁଷ୍କର୍ମ ଘଟଣାର ଦୃଶ୍ୟକୁ ମୋବାଇଲ ଫଟୋ ମାଧ୍ୟମରେ ସୋସିଆଲ ମିଡିଆରେ ଭାଇରାଲ କରିବା ଧମକ ଦେଇ ଜଣେ ଯୁବକ ୫୦ ହଜାର ଟଙ୍କା ଦାବି କରିଥିଲା। ଏନେଇ ସମ୍ପୃକ୍ତ ପୀଡ଼ିତା ଜଣକ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗରୁ ପ୍ରକାଶ ଯେ ଧନୁପଡ଼ା ଗ୍ରାମର ଅନ୍ନପୂର୍ଣ୍ଣା ବେହେରା ଚେନ୍ନାଇରେ କାମ କରୁଥିବା ନିଜ ସ୍ୱାମୀ ପାଖରେ ରହୁଥିବାବେଳେ ସମ୍ବଲପୁର ଜିଲ୍ଲାର ସଂଜିତ ସୁରୁଦୁଲିଆ ନିଜର ୨ ସହଯୋଗୀଙ୍କ ସହାୟତାରେ ଅନ୍ନପୂର୍ଣ୍ଣାଙ୍କ ସ୍ୱାମୀଙ୍କ ସହ ପରିଚିତ ହୋଇ ତାଙ୍କ ଭଡ଼ାଘରକୁ ଯିବା ଆସିବା କରିଥାଏ। ଦିନେ ଅନ୍ନପୂର୍ଣ୍ଣାଙ୍କ ସ୍ୱାମୀଙ୍କ ଅନୁପସ୍ଥିତିରେ ଅନ୍ନପୂର୍ଣ୍ଣାଙ୍କୁ ସଂଜିତ୍ ଥଣ୍ଡାରେ ନିଶା ଦେଇ ତାଙ୍କୁ ଦୁଷ୍କର୍ମ କରିବା ସହ ସେହି ସମୟର ଘଟଣାକୁ ମୋବାଇଲରେ ଉତ୍ତୋଳନ କରି ଅନ୍ୟ ୨ ସହଯୋଗୀଙ୍କ ସହାୟତାରେ ତାଙ୍କଠାରୁ ବିଭିନ୍ନ ସମୟରେ ପ୍ରାୟ ୭୦ ହଜାର ଟଙ୍କା ନେଇ ଯାଇଥିଲେ। ଏଥିରେ ଅତିଷ୍ଠ ହୋଇ ମହିଳା ଜଣକ ଚେନ୍ନାଇରୁ ନିଜ ଘରକୁ ପଳାଇ ଆସିଥିବା ବେଳେ ସଂଜିତ୍ ମହିଳାଙ୍କ ଠିକଣା ସଂଗ୍ରହ କରି ୫୦ହଜାର ଟଙ୍କା ମାଗିଥିଲା। ମହିଳା ଜଣକ ଯଦି ଟଙ୍କା ନ ଦେବେ ତେବେ ତାଙ୍କର ଅଶ୍ଳୀଳ ଭିଡ଼ିଓକୁ ସୋସିଆଲ ମିଡ଼ିଆରେ ଭାଇରାଲ କରିଦେବାକୁ ଧମକ ଦେଇଥିବା ନେଇ ଅନ୍ନପୂର୍ଣ୍ଣା ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି। ସାଲେପୁର ପୁଲିସ ଅଭିଯୋଗକୁ ଗ୍ରହଣ କରି ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଜଣାଯାଇଛି।

# ଘରେ ପଶି ଲୁଟିଲେ ଲୁଟେରା



**ନରସିଂହପୁର,୧୭।୬(ସମିସ):** ନରସିଂହପୁର ଥାନାଞ୍ଚଳରେ ବଢୁଛି ଡକାୟତି। ସିସିଟିଭି ତାଡି ଘରୁ ଲୁଟ କରିଛନ୍ତି ଲୁଟେରା। ସ୍ଥାନୀୟ ନୁଖାପଡା ନିକଟରେ ଗତକାଲି ବିଳମ୍ବିତ ରାତ୍ରିରେ ଘର ତାଲା ଭାଙ୍ଗି ଦୁର୍ବୃତ୍ତ ଜିନିଷ ଚୋରି କରି ନେଇଛନ୍ତି। ନୁଖାପଡା ନିକଟରେ ଥିବା ଧନେଶ୍ୱର ବେହେରାଙ୍କର ହାର୍ଡୱେୟାର ଦୋକାନ ପଛରେ ଥିବା ତାଙ୍କ ବାସଭବନରୁ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ବିଭିନ୍ନ ସାମଗ୍ରୀ ଚୋରି କରିନେଇଛନ୍ତି। ଘରେ ଥିବା ସୁନା, ରୂପା ଗହଣା, ଏଲସିଡ଼ି ଟିଭି, ନଗଦ ୬୦ହଜାର ଟଙ୍କା, ଷ୍ଟାଣ୍ଡ ଫ୍ୟାନ, ସିସିଟିଭି କ୍ୟାମେରା ଓ ମେସିନ ଆଦି ଚୋରି କରି ନେଇଛନ୍ତି। ପ୍ରକାଶଥାଉ କି, ନରସିଂହପୁର ଥାନା ଅଞ୍ଚଳରେ ବାରମ୍ବାର ପ୍ରତ୍ୟେକ ସପ୍ତାହରେ ଦୁଇ ତିନୋଟି ଚୋରି ଡକାୟତି ହେଉଥିଲେ ମଧ୍ୟ ପୁଲିସ ଦୋଷୀକୁ ଧରିବାରେ ବିଫଳ ହୋଇଛି।

# ମଦୁଆଙ୍କ ଉତ୍ପାତରେ ଲୋକେ ଅତିଷ୍ଠ

**ମାହାଙ୍ଗା,୧୭।୬(ସମିସ):** ମାହାଙ୍ଗା ବ୍ଲକ ଅଞ୍ଚଳରେ ଏବେ ମଦୁଆଙ୍କ ଉତ୍ପାତ ବଢିବାରେ ଲାଗିଛି। ଗାଁଠାରୁ ଆରମ୍ଭ କରି ଛକ ବଜାରରେ ମଦୁଆମାନେ ମଦପିଇ ମାତାଲ ହୋଇ ବିଭିନ୍ନ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ସାଧାରଣ ଜନତାଙ୍କୁ ମାଡ ମାରିବା ଏବଂ ଧମକାଉଥିବା ଅଭିଯୋଗ ହେଉଛି। ଏପରିକି ଏହି ମଦୁଆମାନେ ରାସ୍ତା ମଝିରେ ଛିଡ଼ା ହେବା ସହ ମଦ ପିଇ ଯାତାୟାତ କରୁଥିବା ଜନସାଧାରଣଙ୍କୁ ଅଟକାଇ ବଟି ମାଗିବା ସହ ମାଡ ମାରିବାକୁ ମଧ୍ୟ ପଛଉ ନାହାନ୍ତି। ସରକାରୀ ସ୍ୱୀକୃତିପ୍ରାପ୍ତ ମଦ ଦୋକାନ ହେଉ ବା ଚୋରା ମଦ ଦୋକାନରେ ମଦୁଆଙ୍କ ଭିଡ ହେବା ସହ ସେମାନଙ୍କ ଉତ୍ପାତରେ ସାଧାରଣ ଲୋକମାନେ ଏହି ରାସ୍ତାରେ ଯିବା ପାଇଁ ଭୟଭୀତ ହେଉଛନ୍ତି। କେବଳ ସେତିକି ନୁହେଁ କେତେକ ମଦୁଆ ମଦପିଇ ରାସ୍ତାକଡରେ ପଡି ରହୁଛନ୍ତି। ତେଣୁ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ମହିଳାମାନେ ଏହି ବାଟ ଦେଇ ଯିବାକୁ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ବିଶେଷ କରି କୁଆଁପାଳ ବଜାରସ୍ଥିତ ମଦଦୋକାନ, ପଣସପୁରସ୍ଥିତ ମଦଦୋକାନ, ଭଦ୍ରେଶ୍ୱରଠାରେ ଥିବା ମଦ ଦେକାନ ସମ୍ମୁଖରେ ମଦୁଆମାନଙ୍କ ଭିଡ ଜମି ରହୁଥିବା ଦେଖିବାକୁ ମିଳୁଛି। ତେଣୁ ଜନସାଧାରଣଙ୍କ ବୃହତ ସ୍ୱାର୍ଥ ଦୃଷ୍ଟିରୁ ପୁଲିସ ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେଇ ମଦୁଆଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି।

# ପ୍ରାଣଯୋଗ ପ୍ରତିଷ୍ଠାନ ପକ୍ଷରୁ ପିତୃ ଦିବସ



**ବଡମ୍ବା,୧୭।୬(ସମିସ):** ପ୍ରାଣ ଯୋଗ ପ୍ରତିଷ୍ଠାନ ପକ୍ଷରୁ ମହର୍ଷି ଦୟାନନ୍ଦ ଯଜ୍ଞ ମଣ୍ଡପରେ ପିତୃ ଦିବସ ପାଳିତ ହୋଇଯାଇଛି। ପ୍ରତିଷ୍ଠାନର ଅଧ୍ୟକ୍ଷ ବିଜ୍ଞାନ କବି ଚନ୍ଦ୍ରଶେଖର ମହାନ୍ତିଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବାରିପଦା ଶ୍ରୀମା ମହିଳା ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଶିବନାରାୟଣ ମିଶ୍ର ମୁଖ୍ୟଅତିଥି, ବଡମ୍ବା ଓକିଲ ସଂଘ ଉପସଭାପତି ଆଇନଜୀବୀ ଦିଲ୍ଲୀପ କୁମାର ସାମନ୍ତ, ମୋହନ ସୁବୁଦ୍ଧି ମହାବିଦ୍ୟାଳୟର ଅଧ୍ୟାପକ ରାମଚନ୍ଦ୍ର ସ୍ୱାଇଁ, ମାଣିଆବନ୍ଧ କଲେଜର ଅଧ୍ୟାପକ ଡ. ଖଗେଶ୍ୱର ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। "ମୋ ବାପା ଶୀର୍ଷକ'ରେ ଏକ ଆଲୋଚନା ଚକ୍ରରେ କାର୍ଯ୍ୟକାରୀ ଅଧ୍ୟକ୍ଷା ପ୍ରବୀଣା ମହାନ୍ତି ଆଲୋକପାତ କରିଥିଲେ। ଯୋଗ ଛାତ୍ରଛାତ୍ରୀ ଶିବ ପ୍ରସାଦ ବେହେରା, ଦିବ୍ୟ ସାମନ୍ତ, ଦେବାଂଶୀ ସାମନ୍ତ, ହର୍ଷିତା ବେଉରା, ଶିକ୍ଷାବିତ ପ୍ରବୋଧ ସାମଲ ପ୍ରମୁଖ ସମସ୍ତ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ। ଅଧୀକ୍ଷକ ବାଲୁଙ୍କେଶ୍ୱର ରାଉତ ଧନ୍ୟବାଦ ଦେଇଥିଲେ।

# ସ୍ୱପ୍ନେଶ୍ୱର ମନ୍ଦିର ନୂତନ ଟ୍ରଷ୍ଟ ବୋର୍ଡ ଗଠନ

**ନିଶ୍ଚିନ୍ତକୋଇଲି,୧୭।୬(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଅଧିନ କଟରପଡ଼ା ପଞ୍ଚାୟତ ମୁରୁଦାବାଦଠାରେ ଥିବା ସିଦ୍ଧ ସ୍ୱପ୍ନେଶ୍ୱର ମହାଦେବ ମନ୍ଦିରର ନୂତନ ଟ୍ରଷ୍ଟ ବୋଡର୍ ଗଠନ ହୋଇଛି। ଓଡ଼ିଶା ସରକାରଙ୍କ ଦେବୋତ୍ତର ବିଭାଗ ନିର୍ଦ୍ଦେଶକ୍ରମେ ଏହି ଟ୍ରଷ୍ଟ ବୋଡର୍‌ରେ ୧୧ଜଣ ସଦସ୍ୟ ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି। ଏହି ସଭ୍ୟମାନଙ୍କ ମଧ୍ୟରେ ମନ୍ଦିରର ବ୍ୟବସ୍ଥାପକ ତଥା ଅବସରପ୍ରାପ୍ତ ଅଧ୍ୟାପକ ଫକୀର ଚରଣ ନାୟକଙ୍କୁ ସର୍ବସମ୍ମତି କ୍ରମେ ଟ୍ରଷ୍ଟି ଭାବେ ନିର୍ବାଚିତ କରାଯାଇଛି। ଏହି ପୂର୍ଣ୍ଣାଙ୍ଗ ବୋଡର୍‌ଟି ଦେବୋତ୍ତର ବିଭାଗ ପକ୍ଷରୁ ସ୍ୱୀକୃତି ପାଇବା ପରେ ମନ୍ଦିର ପରିସରରେ ଟ୍ରଷ୍ଟି ସମେତ ସମସ୍ତ ସଭ୍ୟମାନେ ଶପଥ ଗ୍ରହଣ କରିଛନ୍ତି। ଏହି ବୋର୍ଡରେ ସଭ୍ୟଭାବେ ଅବସରପ୍ରାପ୍ତ ବ୍ୟାଙ୍କ ପ୍ରବନ୍ଧକ ଜିତେନ୍ଦ୍ରନାଥ ସ୍ୱାଇଁ, ଇଂ ରବୀନ୍ଦ୍ରନାଥ ସ୍ୱାଇଁ, ଇଂ ପତିତପାବନ ସ୍ୱାଇଁ, ପିକକ୍‌ର ସଂସ୍ଥାପକ ରଞ୍ଜନ ମହାନ୍ତି, ପୂର୍ବତନ ସରପଞ୍ଚ ସନ୍ତୋଷ ପାତ୍ର, ଉତ୍ସାହ ପରିବାରର ସମ୍ପାଦକ ଦେବାଶିଷ ବେହୁରା, କର୍ପୋରେଟ୍ କର୍ମଚାରୀ ନିରଞ୍ଜନ ସ୍ୱାଇଁ, ଦେବାଶିଷ ମହାନ୍ତି, ୱାର୍ଡସଭ୍ୟ ରାମଚନ୍ଦ୍ର ଦାସ ଓ ବିନ୍ଦୁସାଗର ମହାନ୍ତି ରହିଛନ୍ତି। ଏହି ଶପଥ ଗ୍ରହଣ ଉତ୍ସବରେ ରାଜ୍ୟପାଳଙ୍କ ସ୍ୱତନ୍ତ୍ର ଅନୁବାଦକ ଅଧିକାରୀ ଡ଼ଃ ନାରାୟଣ ମୁଦୁଲି, ୟୁଟିଆର ଅଧ୍ୟକ୍ଷ ଡ. ଯୁଧିଷ୍ଠିର ଖଟୁଆ, କବି ସଚ୍ଚିଦାନନ୍ଦ ମିଶ୍ର, ଶିକ୍ଷାବିତ୍ ଅକ୍ଷୟ ଷଡଙ୍ଗୀ, ଦିପ୍ତୀରଞ୍ଜନ ନାୟକ, ପରିବେଶବିତ୍ ପ୍ରମୋଦ ଦାଶ, ପଣ୍ଡିତ ଶ୍ରୀକାନ୍ତ ପଣ୍ଡା, ନିରଞ୍ଜନ ସାହୁ, ପ୍ରଦୀପ୍ତ ତରାଇ, ଶୁକଦେବ ପାତ୍ର, ନାରାୟଣ ପରିଡ଼ା, ଅକ୍ଷୟ ମହାନ୍ତି, ଜଟାଧାରୀ ପଣ୍ଡା, ଅଜୟ ଜେନା, ଶରତ ପରିଡ଼ା ପ୍ରମୁଖ ଯୋଗଦେଇ ସ୍ୱପ୍ନେଶ୍ୱର ମହାଦେବଙ୍କ ପୀଠକୁ କିଭଳି ଉନ୍ନତି କରାଯିବ ଏବଂ ଏହାର ନୀତିକାନ୍ତି , ଜାନିଯାତ୍ରା ଓ ପର୍ବପର୍ବାଣୀର ସୁପରିଚାଳନା ହେବ ସେଥିପ୍ରତି ଟ୍ରଷ୍ଟ ବୋର୍ଡ ସଠିକ୍ ମାର୍ଗରେ କାର୍ଯ୍ୟ କରିବା ପାଇଁ ଆଲୋଚନା ହୋଇଥିଲା।




**୧୧ଜଣ ସଦସ୍ୟ ଶପଥ ନେଲେ**

# ନାଳରେ ଗଳି ପଡ଼ିଥିବା ଷଣ୍ଢ ଉଦ୍ଧାର

**ମାହାଙ୍ଗା,୧୭।୬(ସମିସ)**

ମାହାଙ୍ଗା ବ୍ଲକ ଅନ୍ତର୍ଗତ ସମସରପୁର ପଞ୍ଚାୟତସ୍ଥିତ ଗ୍ରାମଦେବତୀ ଗୌରଦେବୀ ମନ୍ଦିର ନିକଟରେ ଥିବା ଏକ ଡ୍ରେନରେ ଗଳି ପଡିଥିବା ଷଣ୍ଢକୁ କୁଆଁପାଳ ଦକମଳବାହିନୀ ଉଦ୍ଧାର କରିଥିବା ଜଣାଯାଇଛି। ପ୍ରକାଶ ଯେ ଗତକାଲି ରାତିରେ ଏକ ବୁଲା ଷଣ୍ଢଟି ଗ୍ରାମଦେବତୀ ଗୌରଦେବୀ ମନ୍ଦିର ନିକଟରେ ଥିବା ଏକ ଡ୍ରେନରେ ପଡି ଯାଇଥିଲା। ସକାଳୁ ସ୍ଥାନୀୟ ଗ୍ରାମବାସୀ ଷଣ୍ଢଟିକୁ ଦେଖି ଡ୍ରେନରୁ ଉଦ୍ଧାର କରିବା ନିମନ୍ତେ ବହୁ ଚେଷ୍ଟା କରିଥିଲେ। ସେମାନେ ଏଥିରେ ବିଫଳ ହେବାରୁ କୁଆଁପାଳ ଦମକଳ ବାହିନୀକୁ ଖବର ଦେଇଥିଲେ। ଖବର ପାଇ କୁଆଁପାଳ ଦକମଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଗ୍ରାମବାସୀଙ୍କ ସହଯୋଗରେ ଷଣ୍ଢଟିକୁ ଉଦ୍ଧାର କରିଥିଲେ।



# ତ୍ୟାଗ ଓ ବଳିଦାନର ପର୍ବ ପବିତ୍ର ଇଦ୍-ଉଲ୍-ଜୁହା ପାଳିତ



**ତିଗିରିଆ,୧୭।୬(ସମିସ)**

ମୁସଲମାନଙ୍କ ତ୍ୟାଗ ଓ ବଳିଦାନର ପବିତ୍ର ପର୍ବ ଇଦ-ଉଲ-ଜୁହା ତିଗିରିଆ ବ୍ଲକର ଜମାତ ଅହମ୍ମଦିୟା ପଙ୍କାଳ ଓ କରଡ଼ାପଲ୍ଲୀ ଠାରେ ଶାନ୍ତି ଶୃଙ୍ଖଳାର ସହିତ ପାଳିତ ହୋଇଯାଇଛି। ସକାଳ ୯ଟାରେ ପଙ୍କାଳ ଇଦଗାହ ଠାରେ ମୌଲାନା ସେକ ଅବଦୁଲ କାଦିର ସମବେତ ପୁରୁଷଙ୍କୁ ଇଦ ନମାଜ ପାଠ କରାଇବା ସହିତ ହଜରତ ଇବ୍ରାହିମଙ୍କ ତ୍ୟାଗ ଓ ବଳିଦାନ ସମ୍ପର୍କରେ ବାଖ୍ୟା କରାଇଥିଲେ। ଶେଷରେ ବିଶ୍ୱ ଶାନ୍ତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ପଙ୍କାଳ ଜାମା ମସଜିଦରେ ମହିଳାଙ୍କୁ ମୌଲାନା ସେକ ସମସୁଲ ଇଦ ନମାଜ ପାଠ କରାଇଥିଲେ। ଗ୍ରାମ୍ୟ କମିଟି ସଭାପତି ଅବଦୁଲ ଇସମାଇଲ ଖାଁ, ଯୁବକ ସଂଘ ସଭାପତି ୟାମିନ ଖାଁ ଓ ଯୁବକମାନେ ସହଯୋଗ କରିଥିଲେ। ସେହିପରି କରଡ଼ାପଲ୍ଲୀ ଜାମା ମସଜିଦରେ ମୌଲାନା ଇସିହାକ ଖାଁ ସମବେତ ମହିଳା ଓ ପୁରୁଷଙ୍କୁ ସାମୁହିକ ଇଦ ନମାଜ ପାଠ କରାଇଥିଲେ। ପରେ ଇଦର ଅଭିନନ୍ଦନ ଜଣାଇଥିଲେ।

**ନିଆଳି:** ନିଆଳି ବ୍ଲକସ୍ଥିତ ସଂଖ୍ୟାଲଘୁ ସମ୍ପ୍ରଦାୟ ବସ୍ତି ଗୁଡିକରେ ପବିତ୍ର ଇଦ୍-ଉଜ୍-ଜୁହା ମହାସମାରୋହରେ ପାଳିତ ହୋଇଯାଇଛି। ନୂଆଗାଁ ପଞ୍ଚାୟତ ସ୍ଥିତ ସିପେଇ ମହଲା, ଅଲଣା ପଞ୍ଚାୟତ ଅଥଙ୍ଗା ଓ ମାଧବ ପଞ୍ଚାୟତ



ସ୍ଥିତ ସଂଖ୍ୟାଲଘୁ ବସ୍ତିରେ ଇଦ୍-ଉଜ୍-ଜୁହା ପାଳିତ ହୋଇଥିବାବେଳେ ସମୂହ ନମାଜ ପାଠ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ନିଆଳି ସ୍ଥିତ ଇଦ୍‌ଗା ପଡିଆରେ ସମୂହ ନମାଜ ପାଠ କରାଯାଇଥିଲା। ପରେ ପରସ୍ପରଙ୍କୁ ଇଦ୍ ମୁବାରକ ଜଣାଇବା ସହ ନିଆଳି ବଜାର ଦେଇ ଶୋଭାଯାତ୍ରାରେ ଯାଇଥିଲେ।

**ନିଶ୍ଚିନ୍ତକୋଇଲି:** ଅସୁରେଶ୍ୱର ଚଉଦ ମହଲା ଅନ୍ତର୍ଗତ ଜୁଲୁକିପଡ଼ା ଇଦ୍‌ଘା ଠାରେ ୨୬ଟି ବସ୍ତିର ଇସଲାମ ଧର୍ମାବଲମ୍ବୀଙ୍କୁ ନେଇ ଇଦ୍-ଉଲ-ଜୁହା ପର୍ବ ପାଳିତ ହୋଇଛି। ଚଉଦ ମହଲା କାର୍ଯ୍ୟକାରୀ କମିଟିର ସଭାପତି ସେକ୍ ମହମ୍ମଦ ଇଦ୍ରିସଙ୍କ ସଂଯୋଜନାରେ ୫ ହଜାରରୁ ଉଦ୍ଧ୍ୱର୍ ଇସଲାମ ଧର୍ମୀମାନଙ୍କୁ ପୂର୍ବାହ୍ନ ୮.୩୦ ମିନିଟରେ ମୌଲାନା ଖଇରୁଦ୍ଦିନ୍ ସାହେବ୍ କାସିମ୍ ନମାଜ ପାଠ କରାଇଥିଲେ। ପ୍ରାରମ୍ଭରେ ଏହି ପର୍ବ ପାଳନର ମୁଖ୍ୟ ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସଂକ୍ରାନ୍ତରେ ଆଲୋଚନା କରି ପ୍ରତ୍ୟେକ ବ୍ୟକ୍ତି ସେବା, ସମର୍ପଣ ଓ ତ୍ୟାଗ ମନଭାବ ରଖି ସମାଜରେ ଭାଇଚାରା ଭାବ ସୃଷ୍ଟି କରି ଅନ୍ୟମାନଙ୍କ ପାଇଁ ଉତ୍ସର୍ଗୀକୃତ ମନୋଭାବ ପୋଷଣ କରି କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଚଉଦ ମହଲାର ସମ୍ପାଦକ ଇମ୍ରାନ୍ ଖାଁ, ମୌଲାନା ୟୁସୁଫ୍, ନସିରୁଦ୍ଦିନ୍ ଖାଁ, ସେକ୍ ଅବଦୁଲ କରିମ୍, କଲାମୁଦ୍ଦିନ ଖାଁ, କମାଲୁଦ୍ଦିନ୍ ଖାଁ, ମିର୍ଜା ଅଖତର୍, ସିରାଜଉଦ୍ଦିନ୍ ଖାଁ, କସିମୁଦ୍ଦିନ୍, ଗୋରା ଖାଁ, ସେକ୍ ବୁରାନ୍, ହାପିଜ୍ ମୁସ୍ତକିମ୍, ହାପିଜ ବେଲାଲ ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ଜିଗ୍ନୀପୁର ପଞ୍ଚାୟତ ବାହାବଳପୁର ଗ୍ରାମରେ ଥିବା ବରେଲି ମସଜିଦ୍‌ରେ ଏକ ହଜାରରୁ ଉର୍ଦ୍ଧ୍ୱ ଇସଲାମ ଧର୍ମାବଲମ୍ବୀମାନେ ମୌଲାନା ସରତାଜ୍‌ଙ୍କ ନେତୃତ୍ୱରେ



ସମୂହ ନମାଜ ପାଠ କରିଥିଲେ। କାର୍ଯ୍ୟକ୍ରମରେ ସେକ୍ ଅଲ୍ଲୀମୁଦ୍ଦିନ୍, ଜାକିର ଖାଁ, ସେକ୍ ନୁରଉଦ୍ଦିନ୍, ରାଜା ଖାଁ, ସେକ୍ ଜହିରଉଦ୍ଦିନ୍, କସର ଖାଁ, କ୍ଷୁଦ୍ରତ ଅଲ୍ଲୀ ଖାଁ, ଅରମାନ୍ ଖାଁ, ରାକିବ୍ ଖାଁ ପ୍ରମୁଖ ଯୋଗ ଦେଇଥିଲେ।

